## ସଂକ୍ଷେପରେ

### ଧର୍ମଶାଳା ଅଞ୍ଚଳରେ ଘନ କୁହୁଡ଼ି, ଝିପିଝିପି ବର୍ଷା

ଧର୍ମଶାଳା,୨୧।୧(ବଟକୃଷ୍ଣ ପରିଡ଼ା): ଶୀତର ପ୍ରକୋପ କମି ନ ଥିବାବେଳେ ରବିବାର ଘନ କୁହୁଡି ସାଙ୍ଗକୁ ଝିପିଝିପି ବର୍ଷାରେ ଧର୍ମଶାଳା ଅଞ୍ଚଳବାସୀ ଅସ୍ତବ୍ୟସ୍ତ ହୋଇପଡ଼ିଛନ୍ତି। କିଛି ଦିନ ହେଲା କୋହଲା ପାଗ ଲାଗି ରହିଥିବାବେଳେ ରବିବାର ସକାଳୁ ମେଘାଛନ ଆକାଶ ଓ ଘନ କୁହୁଡିରେ ସମଗ୍ର ଅଞ୍ଚଳ ଆଚ୍ଛାଦିତ ହୋଇ ରହିଥିଲା। ପରେ ଝିପିଝିପି ବର୍ଷା ହେବାରୁ ପାଗକୁ ଆହୁରି ଅଧିକ କୋହଲା କରିପକାଇଛି। ଶୀତବସ୍ତ୍ର ପରିଧାନ ନ କରି ବାହାରକୁ ବାହାରିବା କଷ୍ଟକର ହୋଇପଡୁଛି। ବର୍ଷା ହେବାରୁ ଶ୍ରମିକମାନେ କାମକୁ ଯାଇ ନ ପାରି ଘରେ ବସିବାକୁ ବାଧ୍ୟ ହୋଇଛନ୍ତି। ଘନ କୁହୁଡ଼ିରେ ବାୟୁମଣ୍ଡଳ ଆଚ୍ଛାଦିତ ହୋଇରହିଥିବାରୁ ଗାଡ଼ି ଚଳାଚଳ ପ୍ରଭାବିତ ହୋଇଛି। ଯେ କୌଣସି ସମୟରେ ରାସ୍ତାରେ ଦୁର୍ଘଟଣା ଆଶଙ୍କା ଦେଖାଦେଇଛି।

### ପାଇଥିବା ପର୍ସ ଫେରାଇଲେ ଯୁବକ

ପାଣିକୋଇଲି,୨୧।୧(ବିକାଶ ମଲ୍ଲିକ): ପାଇଥିବା ମନିପର୍ସକୁ ଫେରାଇ ପ୍ରଶଂସା ସାଉଣ୍ଟିଛନ୍ତି ଆମେ ଆପଣଙ୍କ ପାଇଁ ହେଲପିଂ ଗ୍ରୁପର ସଦସ୍ୟ ପାଣିକୋଇଲି ଥାନା ସାହାପୁର ଗ୍ରାମର ଲକ୍ଷ୍ମୀଧର ମାଝିଙ୍କ ପୁଅ ଅଜୟ। ଅଜୟ ଭୁବନେଶ୍ୱରରୁ ବାଇକରେ ଫେରୁଥିବାବେଳେ ରସୁଲଗଡ଼ ଛକ ନିକଟରେ ଏକ ମନି ପର୍ସ ପାଇଥିଲେ। ପର୍ସଟି ପୁରୀ ଜିଲା ଅନ୍ତର୍ଗତ ଧନେଶ୍ୱର ମଲ୍ଲିକଙ୍କର ବୋଲି ଜଣାପଡ଼ିଥିଲା। ସେଥିରେ ଧନେଶ୍ୱରଙ୍କ ଆଧାର, ପାନ କାର୍ଡ ସହିତ ଅନ୍ୟ ଜରୁରୀ କାଗଜପତ୍ର ଥିଲା। ଅଜିତ ପରଦିନ ପାଣିକୋଇଲି ଥାନାକୁ ଆସି ଉକ୍ତ ପର୍ସଟିକୁ ଥାନାରେ ଦେଇଥିଲେ। ଥାନା ପକ୍ଷରୁ ଧନେଶ୍ୱରଙ୍କ ନିକଟକୁ ବସ୍‌ରେ ପର୍ସ ପଠାଯାଇଥିଲା।

### ରାମ ମନ୍ଦିର ପ୍ରତିଷ୍ଠାକୁ ନେଇ ଗାଁରେ ଉତ୍ସାହ

ରସୁଲପୁର,୨୧।୧(ରଂଜିତ ରାଉତ): ଉତ୍ତରପ୍ରଦେଶର ଅଯୋଧ୍ୟାଠାରେ ସୋମବାର ରାମ ମନ୍ଦିର ପ୍ରତିଷ୍ଠା ଉତ୍ସବ ଆରମ୍ଭ ହେବ। ଏହାକୁ ନେଇ ରସୁଲପୁର ବ୍ଲକ ଅଞ୍ଚଳର ବିଭିନ୍ନ ଗାଁରେ ଉତ୍ସାହ ଦେଖିବାକୁ ମିଳିଛି। ଗାଁ ରାମ, ହନୁମାନ ମନ୍ଦିରରେ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଛକ, ବଜାରର ଓ ଗାଁ ମନ୍ଦିରରେ ସ୍ୱତନ୍ତ୍ର ପୂଜା ଅର୍ଚ୍ଚନା ଆୟୋଜନ କରାଯିବାକୁ ମନ୍ଦିର କମିଟି ପକ୍ଷରୁ ସ୍ଥିର କରାଯାଇଛି। ଗାଁର ଯୁବକ, ପ୍ରଭୁ ଶ୍ରୀରାମ ଓ ହନୁମାନଙ୍କ ଭକ୍ତମାନେ ଚାନ୍ଦା ଆଦାୟ କରି ମନ୍ଦିରରେ ସମୂହ ପ୍ରସାଦ ସେବନର ବ୍ୟବସ୍ଥା କରିଛନ୍ତି। ରାମ ମନ୍ଦିର ପ୍ରତିଷ୍ଠା ଉତ୍ସବ ପାଇଁ ଭକ୍ତମାନେ ଘରେ ନିମନ୍ତ୍ରଣ ପତ୍ର ବାଣ୍ଟିବା ସହ ପ୍ରସାଦ ସେବନରେ ଯୋଗଦେବାକୁ ଆମନ୍ତ୍ରଣ କରିଛନ୍ତି। ଜଗନ୍ନାଥଙ୍କ ଅର୍ପଣ ରଥ ପରିକ୍ରମା ସମୟରେ ଗାଁରେ ସମୂହ ପ୍ରସାଦସେବନ ବନ୍ଦୋବସ୍ତ କରାଯାଇଥିଲା। ଏଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପଞ୍ଚାୟତକୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଥିଲା। ହେଲେ ଏଠାରେ ରାମ ଭକ୍ତମାନେ ଚାନ୍ଦା ଆଦାୟକରି ପ୍ରସାଦ ସେବନର ବ୍ୟବସ୍ଥା କରୁଛନ୍ତି ବୋଲି କୁହାଯାଉଛି।

# ଭୋପାଳକୁ ନୀଳପଥର ଚୋରା ଚାଲାଣ

■ ନୀଳ ପଥର ବୋଝେଇ ୨ ଟ୍ରକ୍ ଜବତ, ୩ ଗିରଫ
■ ପୋଲିସ ଘଟଣାର ତଦନ୍ତ କରିବାକୁ ଦାବି


ବନ ବିଭାଗ ଅଧିକାରୀମାନେ ଜବତ କରିଥିବା ନୀଳପଥର ବୋଝେଇ ଟ୍ରକ୍


ଗିରଫ ଡ୍ରାଇଭର ଓ ହେଲପର।

କାଳିଆପାଣି/କଳିଙ୍ଗନଗର,୨୧।୧ (ଅସିତ ମହାନ୍ତ/ଶୁଭାଶିଷ ରାଉତ): ଦୀର୍ଘଦିନର ଛକାପଞ୍ଝା ପରେ ରବିବାର ସକାଳେ ଟମ୍‌କା ବନ ବିଭାଗ ୨ ନୀଳପଥର ବୋଝେଇ ଟ୍ରକ୍ ଜବତ କରିବା ସହ ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଡ୍ରାଇଭର ମଧ୍ୟପ୍ରଦେଶ କନ୍ନଡ ଥାନା ଅଞ୍ଚଳର ଜିତେନ୍ଦ୍ର ବନଜାନା, ମଧ୍ୟପ୍ରଦେଶ ଚିମାନଗଞ୍ଜ ମଣ୍ଡି ଥାନାର ଦିନେଶ ଗୌଡ଼ ଓ ହେଲ୍‌ପର ଗୁଜରାଟ ଖାମବାଦ ଥାନା ଅଞ୍ଚଳର ବିନୋଦ ବୋ। ଯାଜପୁର ଜିଲା ଟମ୍‌କା ଥାନା ଅନ୍ତର୍ଗତ ଚିତ୍ରୀ ପାହାଡ଼ ପଛପଟ ନୂଆ ସାହି ନିକଟ ଏକ ବନ୍ଦ କୁକୁଡ଼ା ଫାର୍ମ ନିକଟରେ ୨ ଟ୍ରକ୍(ୟୁପି-୭୮-ସିଏନ୍-୭୮୮୦ ଓ ଏମ୍‌ପି-୧୩-ଜିବି-୩୬୮୬) ଯୋଗେ ନୀଳପଥର ମଧ୍ୟପ୍ରଦେଶର ଭୋପାଳ ଅଞ୍ଚଳକୁ ଚୋରାଚାଲାଣ ହେଉଥିବା ବନ ବିଭାଗ ବିଶେଷ ସୂତ୍ରରୁ ଜାଣିବାକୁ ପାଇଥିଲା। ପରେ ଟମକା ଫରେଷ୍ଟର ଚିତ୍ତରଞ୍ଜନ ବିଶ୍ୱାଳଙ୍କ ନେତୃତ୍ୱରେ ଫରେଷ୍ଟଗାର୍ଡ ସୁଶାନ୍ତ ନାୟକ, ଶୁଭେନ୍ଦୁ ସୁନ୍ଦର ପାଢ଼ୀ, ଆଶୁତୋଷ ରଥ, ଅକ୍ଷୟ ମହାନ୍ତ ଓ ବିଶ୍ୱନାଥ ବେହେରା ପ୍ରମୁଖ ଫରେଷ୍ଟ ସ୍କ୍ୱାଡ୍‌ଙ୍କୁ ନେଇ ଏକ ଟିମ୍ ଗଠନ କରି ଚଢ଼ାଉ କରିଥିଲେ। ଚଢ଼ାଉ ସମୟରେ ଡ୍ରାଇଭରମାନେ ଏକ ଟ୍ରାନ୍ସପୋର୍ଟ ମାଧ୍ୟମରେ ପଥର ବୋଝେଇ କରୁଥିଲେ ବୋଲି କହିଛନ୍ତି। ଦୁଇ ଟ୍ରକ୍‌ରେ ଆନୁମାନିକ ୮ଟନ୍‌ରୁ ଅଧିକ ନୀଳ ପଥର ଥିବା ବନ ବିଭାଗ ସୂଚନା ଦେଇଛି। ଏହା ସ୍ଥାନୀୟ ଅଞ୍ଚଳରେ ଆନୁମାନିକ ମୂଲ୍ୟ ୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି ଆକଳନ କରାଯାଇଛି। ଏହା ବିରଳ ପଥର ହୋଇଥିବାରୁ ଆନ୍ତର୍ଜାତିକ ବଜାରରେ ଚଢ଼ା ଦରରେ ବିକ୍ରି ହେଉଥିବା ଜଣାପଡ଼ିଛି। ତେଣୁ ଏହି ଚୋରା କାରବାର ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରି ନୀଳପଥର ଚୋରା ର୍‍ୟାକେଟର ପର୍ଦ୍ଦାଫାଶ କରିବାକୁ ଯାଜପୁର ଆରକ୍ଷୀ ଅଧୀକ୍ଷକ, କଟକ ବନଖଣ୍ଡ ଅଧିକାରୀ ଓ ଯାଜପୁର ଜିଲାପାଳଙ୍କ ନିକଟରେ ଦାବି ହେଉଛି।

ଅନ୍ୟପକ୍ଷରେ କାଳିଆପାଣି ଥାନାରୁ ଟମକା ଥାନା ପର୍ଯ୍ୟନ୍ତ ନୀଳପଥର ମାଫିଆ ସାମ୍ରାଜ୍ୟ ବଢ଼ାଇ ଚାଲିଛନ୍ତି। ଏବେ ଟମକା ବନ ବିଭାଗ ସ୍କାନରରେ ମାଫିଆମାନେ ରହିଥିବାରୁ ଭୟଭୀତ ହୋଇ ପଡ଼ିଛନ୍ତି। ହେଲେ ଉଭୟ ଥାନା ପୋଲିସ ସବୁ ଜାଣି କାହିଁକି ଚୁପ୍ ରହୁଛି ତାହା ସନ୍ଦେହ ସୃଷ୍ଟି କରୁଛି। ବହୁ ବର୍ଷ ଧରି କାଳିଆପାଣି ଥାନା ଅନ୍ତର୍ଗତ କଂସ ପଞ୍ଚାୟତର ଟିକରପଡ଼ା ଓ କଳିଙ୍ଗନଗର ଥାନା ଅନ୍ତର୍ଗତ କମଳାବାହାଲୀ ଜଙ୍ଗଲରୁ ଏହି ନୀଳପଥର ଚୋରାଚାଲାଣ ହୋଇଆସୁଛି। ଦୈତାରୀ ସଂରକ୍ଷିତ ଜଙ୍ଗଲରେ ଏହି ମୂଲ୍ୟବାନ ପଥର ମିଳୁଥିବା ଜାଣି ରାଜ୍ୟ ବାହାରର ଦଲାଲ ସ୍ଥାନୀୟ ଲୋକଙ୍କ ମାଧ୍ୟମରେ ଚୋରାଚାଲାଣ କରି ଚାଲିଛନ୍ତି। ଟିକରପଡାର କେତେଜଣ ଆଦିବାସୀ କେବଳ ଦୈନିକ ମଜୁରିରେ ପଥର ସଂଗ୍ରହ ପାଇଁ ନିୟୋଜିତ ହେଉଥିବାବେଳେ ଭୁବନ ଥାନା ଅଂଳାଝରୀ, କାଳିଆପାଣି ଓ ଟମକା ଥାନା ଅଞ୍ଚଳରେ କେତେଜଣ ନିର୍ଦ୍ଦିଷ୍ଟ ଦଲାଲ ଏହାକୁ ଟ୍ରପ୍ ଦରରେ ବିକ୍ରି କରୁଛନ୍ତି। ରାଜ୍ୟ ବାହାର ଦଲାଲ ଏହାକୁ କିଲୋପ୍ରତି ଚଢ଼ା ଦରରେ ମାଫିଆଙ୍କୁ ବିକ୍ରି କରୁଥିବା ଜଣାପଡିଛି। ଏଥିପାଇଁ ବ୍ୟବସ୍ଥିତ ଢଙ୍ଗରେ ଦୀର୍ଘ ବର୍ଷ ହେଲା ଏହି ଚୋରା କାରବାର ଅବାଧରେ ଚାଲିଆସିଛି।

୨୦୧୮ରୁ ୨୦୨୨ ମଧ୍ୟରେ ଟିକରପଡ଼ାରୁ ନୀଳପଥର ଚୋରାଚାଲାଣ ହେଉଥିବା ବେଳେ ତତ୍କାଳୀନ ଟମ୍‌କା ରେଞ୍ଜର ଘନଶ୍ୟାମ ମୁଦୁଲି, ବଳରାମ ସାହୁ ପ୍ରମୁଖ ବିଭିନ୍ନ ସମୟରେ ଟିକରପଡା-କଂସ ରାସ୍ତାରେ ଚଢ଼ାଉ କରି ନୀଳପଥର ବୋଝେଇ ଟିପ୍ପର, ପିକ୍‌ଅପ୍ ଆଦି ଜବତ କରିଥିଲେ। ସେତେବେଳେ ଚଢ଼ାଉରେ ଦୁଇ ଦଲାଲ ଗିରଫ ହୋଇଥିବାବେଳେ ଚୋରା କାରବାରର ମାଷ୍ଟର ମାଇଣ୍ଡ କୁହାଯାଉଥିବା ବ୍ୟକ୍ତି ଜଣକ ଫେରାର ହୋଇ ଯାଇଥିଲେ। ପରବର୍ତ୍ତୀ ସମୟରେ ମାଫିଆ ତରିକା ପରିବର୍ତ୍ତନ କରିଥିଲେ। ସ୍ଥାନୀୟ ଆଦିବାସୀଙ୍କୁ ଏଥିରେ ନିୟୋଜିତ କରି ବସ୍ତା ମାଧ୍ୟମରେ ପଥର ଯୋଗାଡ କରି କାଳିଆପାଣିରୁ ଟମକା ଥାନା ଅଞ୍ଚଳ ମଧ୍ୟରେ ବିଭିନ୍ନ ସ୍ଥାନରେ ଗଚ୍ଛିତ କରି ଚୋରାଚାଲାଣ ଆରମ୍ଭ କରିଥିଲେ। କିଛିଦିନ ହେବ ଚିତ୍ରୀ ଓ ଅଂଳାଝରୀ ଅଞ୍ଚଳର ଦୁଇ ମାଫିଆ ଟିକରପଡା ଏବଂ କମଳାବାହାଲୀ ଜଙ୍ଗଲରୁ ଏହି ପଥର ଯୋଗାଡ କରି ଚିତ୍ରୀ ପାହାଡ ନିକଟରେ ଥିବା କୁକୁଡ଼ା ଫାର୍ମ ନିକଟରେ ଗଚ୍ଛିତ ରଖିଥିଲେ।

## ସିମେଣ୍ଟ ଟ୍ରକ୍ ଚୋରି ଘଟଣାରେ ୩ ଗିରଫ

ଧର୍ମଶାଳା,୨୧।୧(ବଟକୃଷ୍ଣ ପରିଡ଼ା): ଧର୍ମଶାଳା ଥାନା ହରିଦାସପୁରସ୍ଥିତ ରାମକୋ ସିମେଣ୍ଟ କାରଖାନା ସମ୍ମୁଖରୁ ସିମେଣ୍ଟ ବୋଝେଇ ଟ୍ରକ୍ ଚୋରି ଘଟଣାରେ ପୋଲିସ ୩ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଏହି ଥାନା ସୋରେଇ ଗ୍ରାମର ଶରତ ମଲିକ, ଅଣ୍ଟିଆ ଗ୍ରାମର ଜାନି ମିଲକ ଓ ସିନ୍ଦୂରିଆ ଗ୍ରାମର ସେକ ସାକୁ। ହରିଦାସପୁର ପଞ୍ଚାୟତ ବାଲିଗରି ଗ୍ରାମର ବିଦୁର ଭଦ୍ର ୧୭ ତାରିଖରେ ଥାନାରେ ଅଭିଯୋଗ କରିଥିଲେ ଯେ, ତାଙ୍କ ଓଆର-୦୪-ଏଲ-୯୩୬୭ନମ୍ବର ଟ୍ରକ୍ ୧୬ ତାରିଖ ରାତିରେ ରାମ୍‌କୋ କମ୍ପାନୀରୁ ସିମେଣ୍ଟ ବୋଝେଇ କରି ଗେଟ ବାହାରେଥିଲା। ଡ୍ରାଇଭର ବଢ଼ମ୍ବା ଅଞ୍ଚଳର କାହ୍ନା ଗୋଛି ଗାଡି ରଖି ନିକଟ ଭଡ଼ାଘରକୁ ପଳାଇ ଆସିଥିଲେ। ହେଲେ ୧୭ ତାରିଖ ସକାଳେ ଗାଡ଼ି ସେଠାରେ ନ ଥିଲା। ପୋଲିସ ନଂ.୬୦/୨୪ରେ ମାମଲା ରୁଜୁ କରି ତଦନ୍ତ କରିବା ପରେ ଗୁରୁବାର ଅପରାହ୍ନରେ ଟ୍ରକ୍‌କୁ ଚଣ୍ଡିଖୋଲ ବାଜାର ନିକଟରୁ ଉଦ୍ଧାର କରିଥିଲା। ଅଭିଯୁକ୍ତଙ୍କୁ ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରାଯାଇଛି ବୋଲି ଥାନା ଅଧିକାରୀ ତପନ ନାୟକ ସୂଚନା ଦେଇଛନ୍ତି।

## ପତିତପାବନ ଉଚ୍ଚ ବିଦ୍ୟାଳୟରେ ସାହିତ୍ୟ ସୃଜନୀ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଧର୍ମଶାଳା,୨୧।୧(ବଟକୃଷ୍ଣ ପରିଡ଼ା): ଧର୍ମଶାଳା ବ୍ଲକ ଗଙ୍ଗାଧରପୁର ପଞ୍ଚାୟତର ପତିତପାବନ ସରକାରୀ ଉଚ୍ଚ ବିଦ୍ୟାଳୟରେ ମୋ ସ୍କୁଲ ଅଭିଯାନ ପକ୍ଷରୁ ସାହିତ୍ୟ ସୃଜନୀ କାର୍ଯ୍ୟକ୍ରମ ପ୍ରଧାନଶିକ୍ଷୟିତ୍ରୀ ଇନ୍ଦିରା ଗାଗାରାଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ କୌଶଳି, ଯିଜ୍ଞସା ଓ କ୍ରୀଡ଼ାଙ୍ଗନ ଆଦି କାର୍ଯ୍ୟକ୍ରମ ପ୍ରଦର୍ଶିତ ହୋଇଥିଲା। ମୋ କଥା, ମୋ କାହାଣୀ, ଗଳ୍ପ ଲିଖନ ଓ କବିତା ଆବୃତ୍ତି ଆଦି ସାହିତ୍ୟ ସୃଜନୀରେ ବିଦ୍ୟାଳୟର ଛାତ୍ରୀଛାତ୍ର ଯୋଡ଼ି ହୋଇଥିଲେ। ମୁଖ୍ୟଅତିଥିଭାବେ ସାମ୍ବାଦିକ ରମାକାନ୍ତ ଜେନା, ସମ୍ମାନିତ ଅତିଥିଭାବେ ସରପଞ୍ଚ ତ୍ରିଲୋଚନ ଜେନା, ଅବସରପ୍ରାପ୍ତ ଶିକ୍ଷକ ଯୁଧିଷ୍ଠିର ସ୍ୱାଇଁ, ମୋ ସ୍କୁଲ କମିଟି ସଭାପତି ନିରଞ୍ଜନ ମିଶ୍ର ଓ ଏସ୍‌ଏଲ୍‌ସି ସଭ୍ୟ ବିକ୍ରମ ଜେନା ପ୍ରମୁଖ ଯୋଗଦେଇ ସାହିତ୍ୟ ସୃଜନୀ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପ୍ରଶଂସା ପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ। ଏଥିସହ ହାଉସ ସିଷ୍ଟମ ଯୋଜନାରେ ବେଷ୍ଟ ହାଉସକୁ ଟ୍ରଫି ଦେଇଥିଲେ। ଛାତ୍ରୀ ଦେବସ୍ମିତା ରାଉତ ଶ୍ରୀଜଗନ୍ନାଥଙ୍କ ଉପରେ ଆଧାରିତ ଭଜନ ପରିବେଷଣ କରିଥିଲେ। ଶିକ୍ଷକ ପବିତ୍ର ଭୋଇ ଅତିଥି ପରିଚୟ ପ୍ରଦାନ କରିବା ସହ ଧନ୍ୟବାଦ ଦେଇଥିଲେ।

## ଗୋପାଳଜୀଉ ଉଚ୍ଚ ବିଦ୍ୟାଳୟ ସୁବର୍ଣ୍ଣଜୟନ୍ତୀ ଉଦ୍‌ଯାପିତ


ଉତ୍ସବରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ଶିକ୍ଷୟିତ୍ରୀଶିକ୍ଷକ।

ଧର୍ମଶାଳା,୨୧।୧(ବଟକୃଷ୍ଣ ପରିଡ଼ା): ଧର୍ମଶାଳା ବ୍ଲକ ଥାନୁଆଳ ପଞ୍ଚାୟତ ମୁରାରୀପୁର ଗୋପାଳଜୀଉ ଉଚ୍ଚ ବିଦ୍ୟାଳୟ ସୁବର୍ଣ୍ଣଜୟନ୍ତୀ ସମାରୋହ ରବିବାର ଉଦ୍‌ଯାପିତ ହୋଇଯାଇଛି। ପୁରାତନ ଛାତ୍ର ସଂସଦ ପକ୍ଷରୁ ସଭାପତି ପ୍ରମୋଦ କରଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ସ୍ତମ୍ଭକାର ପ୍ରଦ୍ୟୁମ୍ନ ଶତପଥୀ ଯୋଗଦେଇ ଜୀବନର ସମସ୍ତ ସମ୍ଭାବନା ଓ ଉଜ୍ଜ୍ୱଳମୟ ଭବିଷ୍ୟତର ମାର୍ଗଦର୍ଶନ ଶିକ୍ଷାନୁଷ୍ଠାନ ବୋଲି ମତବ୍ୟକ୍ତ କରିଥିଲେ। ଅତିଥିଭାବେ ଅଭିନେତା ଅଂଶୁମୋଚନ ମହାନ୍ତି, ସାମାଜିକ କର୍ମୀ ଡ. ରୋଜାଲିନ ପାଟସାହାଣୀ, ଦୌଡ଼ରାଣୀ ଅନୁରାଧା ବିଶ୍ୱାଳ, କ୍ରିକେଟ ପ୍ରଶିକ୍ଷକ ଲଳିତ ମହାନ୍ତି, କ୍ରିକେଟ ଖେଳାଳି ପ୍ରଭଞ୍ଜନ ମଲିକ, ସଙ୍ଗୀତ ଗୁରୁ କେଶବ ଚନ୍ଦ୍ର ରାଉତ, ମାଦଳ ବାଦକ ପ୍ରଫେସର ଜଗନ୍ନାଥ କୁଅଁର ଓ କଣ୍ଠଶିଳ୍ପୀ ମହାପାତ୍ର ମିନତି ଭଞ୍ଜ ପ୍ରମୁଖ ଯୋଗଦେଇଥିଲେ। ପୁରାତନ ଛାତ୍ର ସଂସଦ ସହ ସମ୍ପାଦକ ହେମନ୍ତ ଦୋରା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସାଧାରଣ ସମ୍ପାଦକ ଡ. ଦିଲୀପ ନାୟକ ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିଲେ। ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ସେଠୀ ସୂଚନା ପ୍ରଦାନ କରିଥିଲେ। ପୁରୁଷୋତ୍ତମ ଜେନା ଓ ପ୍ରଶନ୍ନ ରାଉତ ଅତିଥିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପରେ ଶିକ୍ଷୟିତ୍ରୀଶିକ୍ଷକ ଓ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୁରାତନ ଛାତ୍ର ରମେଶ ଚନ୍ଦ୍ର ବେହେରା ଧନ୍ୟବାଦ ଦେଇଥିଲେ।

## ରାଜ୍ୟସ୍ତରୀୟ ବୀଣାପାଣି କ୍ରିକେଟ ଉଦ୍‌ଘାଟିତ

ଯାଜପୁର ସଦର,୨୧।୧(ସମର ବିଜୟ ଶରଣ): ଯାଜପୁର ବ୍ଲକ ଅନ୍ତର୍ଗତ କବିରପୁର ଦଶହରା ପଡ଼ିଆରେ ବୀଣାପାଣି କ୍ଲବ୍ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ବୀଣାପାଣି କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଯାଜପୁର ବିଧାୟକଙ୍କ ପ୍ରତିନିଧି ସତ୍ୟପ୍ରକାଶ ଦାସ, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧକ୍ଷା ସ୍ୱର୍ଣ୍ଣଲତା ପରିଡ଼ା ଯୋଗଦେଇଥିଲେ। ଅନ୍ୟତମ ଅତିଥିଭାବେ ସାମାଜିକ କର୍ମୀ ବ୍ରଜକିଶୋର ପାଢ଼ୀ, ମହେଶ୍ୱରପୁର ସରପଞ୍ଚ ସୁଜିତ ରାୟ, ସେକ୍ ଗୋଲାମ ଅଲି, ଯୁବନେତା ଗୌରାଙ୍ଗ ସାମଲ ଓ ପ୍ରଦୀପ ତରେଇ ପ୍ରମୁଖ ଉପସ୍ଥିତ ଥିଲେ। ଅତିଥି ଦଶହରା ପଡ଼ିଆରେ ନବନିର୍ମିତ ସଭା ମଣ୍ଡପ ସହ ଖେଳକୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ଦିନରେ ୨ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଉଦ୍‌ଘାଟନୀ ମ୍ୟାଚ୍ ୱାରିଅର୍ କ୍ରିକେଟ କ୍ଲବ କଟକ ଓ ବୀଣାପାଣି କ୍ରିକେଟ କ୍ଲବ କବିରପୁରର ମଧ୍ୟରେ ହୋଇଥିଲା। ଟସ ଜିତି ବୀଣାପାଣି କ୍ଲବ୍ ୱାରିଅର୍ ଟିମକୁ ବ୍ୟାଟିଂ ସୁଯୋଗ ଦେଇଥିଲା। ୱାରିଅର ଟିମ ନିର୍ଦ୍ଧାରିତ ୧୨ ଏଭର୍ ଖେଳି ୬ ଉଇକେଟ ହରାଇ ୮୭ ରନ କରିଥିଲା। ବୀଣାପାଣି କ୍ରିକେଟ କ୍ଲବ ୬ ଉଇକେଟ ହରାଇ ୯୦ ରନ କରି ବିଜୟୀ ହୋଇଥିଲା। ପରବର୍ତ୍ତୀ ମ୍ୟାଚ୍‌ରେ ଜୟ ମହାବୀର କ୍ରିକେଟ କ୍ଲବ ରିଣ୍ଟିପୁର ମହାଲକ୍ଷ୍ମୀ କ୍ରିକେଟ କ୍ଲବ ପୁରୁଷୋତ୍ତମ ପୁରକୁ ହରାଇ ବିଜୟୀ ହୋଇଥିଲା। ଟୁର୍ନାମେଣ୍ଟର ଫାଇନାଲ ଖେଳ ୨୮ ତାରିଖରେ ହେବ ବୋଲି ବୀଣାପାଣି କ୍ଲବ୍ କର୍ମକର୍ତ୍ତା ସୂଚନା ଦେଇଛନ୍ତି।

## ରାସ୍ତାରୋକୋ ପରେ ମରାମତି ହେଲା ହାଇଟ ବ୍ୟାରିକେଡ୍


ବ୍ୟାରିକେଡ୍ ମରାମତି କରାଯାଉଛି।

କାଏମା,୨୧।୧(ଶିବପ୍ରସାଦ ମହାନ୍ତି): ରାସ୍ତାରୋକୋ ପରେ ଧର୍ମଶାଳା ବ୍ଲକ୍ ଅଧୀନ ଗୋକର୍ଣ୍ଣେଶ୍ୱରଠାରୁ ରାମପୁର ନଦୀବନ୍ଧ ରାସ୍ତାର କାଏମା ବ୍ରିଜ୍ ନିକଟରେ ବିପଦପୂର୍ଣ୍ଣ ଅବସ୍ଥାରେ ଝୁଲି ରହିଥିବା ହାଇଟ ବ୍ୟାରିକେଡ୍‌ର ମରାମତି କରାଯାଇଛି। ବ୍ୟାରିକେଡ୍‌ର ଗୋଟିଏ ପାର୍ଶ୍ୱ ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିବାବେଳେ ଅନ୍ୟ ପାର୍ଶ୍ୱ ଖଣ୍ଡେ ରଡ୍ ଉପରେ ବିପଦପୂର୍ଣ୍ଣ ଭାବେ ଝୁଲି ରହିଥିଲା ଏନେଇ ପୂର୍ତ୍ତ ବିଭାଗ ଅଧିକାରୀଙ୍କୁ ଜଣାଇବା ପରେ ମଧ୍ୟ କିଛି ସୁଫଳ ମିଳିପାରି ନ ଥିଲା। ପରେ ୧୨ତାରିଖରେ 'ବିପଦପୂର୍ଣ୍ଣ ଅବସ୍ଥାରେ ହାଇଟ ବ୍ୟାରିକେଡ୍' ଶୀର୍ଷକ ଖବର ଧରିତ୍ରୀରେ ପ୍ରକାଶ ପାଇଥିଲା। ଏହି ରାସ୍ତାଦେଇ ପ୍ରତିଦିନ ଶହଶହ ଗାଡି ଚଳାଚଳ କରୁଥିବାରୁ ଭୟ ସୃଷ୍ଟି ହୋଇଥିଲା। ଗତ ଶନିବାର ଏକ ବାଲି ବୋଝେଇ ହାଇଭାପଇୱା ଏହି ରାସ୍ତା ଦେଇ ଯାଉଥିବାବେଳେ ଏହା ସହ ଧକ୍କା ହୋଇଥିଲା। ଫଳରେ ତାହା ଆହୁରି ତଳକୁ ଖସି ଆସିଥିଲା। ତେଣୁ ଏହାର ମରାମତି ଦାବିରେ ସ୍ଥାନୀୟ ଲୋକେ ବାଉଁଶ ବାନ୍ଧି ରାସ୍ତାରୋକୋ କରିଥିଲେ। ପରେ ପୂର୍ତ୍ତ ବିଭାଗ ପକ୍ଷରୁ ଏହାର ମରାମତି କରାଯାଇଥିଲା।

## ଅମରାବତୀ ମହୋତ୍ସବ ଉଦ୍‌ଯାପିତ

ଛତିଆ,୨୧।୧(ସୌମ୍ୟ ରଞ୍ଜନ ସାହୁ): ବଡ଼ଚଣା ବ୍ଲକ ଅନ୍ତର୍ଗତ ଛତିଆ ଐତିହାସିକ ଅମରାବତୀ କଟକଠାରେ ଅନୁଷ୍ଠିତ ଅମରାବତୀ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟଅତିଥିଭାବେ ଯାଜପୁର ଏମ୍‌ପି ଶର୍ମିଷ୍ଠା ସେଠୀ ଓ ବିଧାୟକ ଅମର ପ୍ରସାଦ ଶତପଥୀ ଯୋଗଦେଇ ମହୋତ୍ସବକୁ ଆହୁରି ଆକର୍ଷଣୀୟ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷା ମିନତି ସେନାପତି, ଜିଲା ପରିଷଦ ସଭ୍ୟ ଯତୀନ୍ଦ୍ର ପ୍ରସାଦ ନାୟକ, ଅରବିନ୍ଦ ସାମଲ ଓ ଯାତ୍ରା ଅଭିନେତା ଦୀପକ ବାରିକ ଯୋଗଦେଇଥିଲେ। ଗିରୀଶ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଛତିଆ ଅଞ୍ଚଳର ସାମ୍ବାଦିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ଶିଳ୍ପୀ ମହେଶ୍ୱର ଓଝା, ଅମରାବତୀ କଟକ ଗବେଷକ ଜିତେନ୍ଦ୍ର ଖଟୁଆ ଓ ଗ୍ରାମାଞ୍ଚଳ ଯାତ୍ରା କଳାକାରଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଶେଷ ସନ୍ଧ୍ୟାରେ ହଜାରହଜାର ଦର୍ଶକ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମର ମଜାନେଇଥିଲେ। ମହୋତ୍ସବକୁ କମିଟି ସଭାପତି ପ୍ରତାପ ସାହୁ, ସମ୍ପାଦକ ବାସୁଦେବ ସ୍ୱାଇଁ, କୋଷାଧ୍ୟକ୍ଷ ଅମରେଶ ନନ୍ଦ, ସହସମ୍ପାଦକ ବିପିନ ବିଶ୍ୱାଳ, ମାଧବାନନ୍ଦ ମହାପାତ୍ର, ରମେଶ ବିଶ୍ୱାଳ, ଦୁଷ୍ମନ୍ତ ବେଜ, ଶ୍ରୀନିବାସ ପାତ୍ର, ତପନ ବିଶ୍ୱାଳ ଓ କମଳାକାନ୍ତ ସ୍ୱାଇଁଙ୍କ ସମେତ ସମସ୍ତ ସଦସ୍ୟ ପରିଚାଳନା କରିଥିଲେ।

## ବ୍ୟାସନଗର ପବ୍ଲିକ୍ ସ୍କୁଲ୍‌ର ବାର୍ଷିକ ଉତ୍ସବ



ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥି ଓ ସମ୍ବର୍ଦ୍ଧିତ ପୁରାତନ କର୍ମଚାରୀ।

ଯାଜପୁରରୋଡ୍,୨୧।୧ (ପବିତ୍ର ରଞ୍ଜନ ମହାନ୍ତି): ବ୍ୟାସନଗର ପୌର ପରିଷଦ ହାଉସିଂ ବୋର୍ଡସ୍ଥିତ ବ୍ୟାସନଗର ପବ୍ଲିକ୍ ସ୍କୁଲ୍‌ର ୧୨ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏହି ଦୁଇ ଦିନିଆ ଉତ୍ସବର ପ୍ରଥମ ଦିବସରେ ମୁଖ୍ୟଅତିଥିଭାବେ ଇଷ୍ଟର୍ନ ସହୋଦୟର ଅଧ୍ୟକ୍ଷା ଡ. ପ୍ରିୟଦର୍ଶିନୀ ନାୟକ, ସମ୍ମାନିତ ଅତିଥିଭାବେ କଟକ କମିଶନରେଟ ପୋଲିସ ଜୋନ-୨ର ଏସିପି ଅମିତାଭ ମହାପାତ୍ର, ବଡ଼ଚଣା ମୋ ସ୍ୱାସ୍ଥ୍ୟସେବା ଅଧିକାରୀ ଡ. ରଶ୍ମିରଞ୍ଜନ ପଶାୟତ, ଜିଲା ବିଜେଡି ମହିଳା ସଭାନେତ୍ରୀ ସବିତା ରାଉତ, ଆଇନଜୀବୀ ଚନ୍ଦ୍ରଶେଖର ପଣ୍ଡା, ଭିପିଏସ୍‌ର ସଭାପତି ଭାରତ ଭୂଷଣ ଦେଓ ଏବଂ ପରିଚାଳନା ନିର୍ଦ୍ଦେଶିକା ତଥା ଅଧ୍ୟକ୍ଷା ଡ. ଦେବସ୍ମିତା ସାହୁ ପ୍ରମୁଖ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ।

ଦ୍ୱିତୀୟ ଦିବସରେ ମୁଖ୍ୟଅତିଥିଭାବେ ପୂର୍ବତନ କୋରେଇ ବିଧାୟକ ତଥା ମୋ କଲେଜ ଅଭିଯାନ ଅଧ୍ୟକ୍ଷ ଆକାଶ ଦାସନାୟକ, ସମ୍ମାନିତ ଅତିଥିଭାବେ କୋରେଇ ବ୍ଲକ ଶିକ୍ଷା ଅଧିକାରୀ ସୁଦର୍ଶନ ମଲ୍ଲିକ, କଳିଙ୍ଗନଗର ପୂର୍ବତନ ଅତିରିକ୍ତ ଜିଲାପାଳ ସନ୍ତୋଷ ମିଶ୍ର ଓ ପୌରାଧ୍ୟକ୍ଷା ସଙ୍ଗୀତା ପିଙ୍ଗୁଆ ଯୋଗଦେଇଥିଲେ।

ପ୍ରାରମ୍ଭରେ ଅଧ୍ୟକ୍ଷା ଡ. ସାହୁ ସ୍ୱାଗତ ଭାଷଣ ସହିତ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସଭାପତି ଦେଓ ବିଦ୍ୟାଳୟର ସମୃଦ୍ଧି ଓ ବିକାଶ ପାଇଁ ସମସ୍ତ ଶ୍ରେୟ ଅଭିଭାବକ, ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ପ୍ରଦାନ କରିଥିଲେ। ଉଦ୍‌ଯାପନୀ ସନ୍ଧ୍ୟାରେ ବିଦ୍ୟାଳୟ ପକ୍ଷରୁ ପୁରାତନ କର୍ମଚାରୀଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟ ପ୍ରତିଯୋଗିତାର ବିଜେତାମାନଙ୍କୁ ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଉତ୍ସବରେ ଡ. ବୈରାଗୀ ଚରଣ ଦ୍ୱିବେଦୀ ବାର୍ଷିକ ବିବରଣୀ ପାଠ କରିଥିଲେ। ପ୍ରଥମ ସନ୍ଧ୍ୟାରେ ଉପାଧ୍ୟକ୍ଷ ନାରାୟଣ ଚନ୍ଦ୍ର ରାଉଳ ଓ ଦ୍ୱିତୀୟ ସନ୍ଧ୍ୟାରେ ଉପାଧ୍ୟକ୍ଷ ଗଜେନ୍ଦ୍ର ବେହେରା ଧନ୍ୟବାଦ ଦେଇଥିଲେ।

## ସିମେଣ୍ଟ କମ୍ପାନୀ ପାଇଁ ବିପକ୍ଷସପକ୍ଷବାଦୀ ମୁହାଁମୁହିଁ

ଛତିଆ,୨୧।୧(ସୌମ୍ୟ ରଞ୍ଜନ ସାହୁ):- ଯାଜପୁର ଓ କଟକ ଜିଲାରେ ଥିବା ଡାଲମିଆଁ ସିମେଣ୍ଟ କାରଖାନାକୁ ନେଇ ସପକ୍ଷବିପକ୍ଷବାଦୀ ମୁହାଁମୁହିଁ ହୋଇଛନ୍ତି। ଯାଜପୁର ଜିଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ପାରିଆ ସରପଞ୍ଚ ବେଣୁଧର ବିଶ୍ୱାଳ କେତେକ ସମସ୍ୟାକୁ ନେଇ ଆନ୍ଦୋଳନ କରିବାକୁ ଯାଜପୁର ଜିଲାପାଳ ଓ ଏସପିଙ୍କୁ ଜଣାଇଛନ୍ତି। ମାତ୍ର ପାରିଆ ପଞ୍ଚାୟତର ଶତାଧିକ ଜନସାଧାରଣ ଏହାକୁ ବିରୋଧ କରିଛନ୍ତି। ସେମାନେ କହିଛନ୍ତି, ଡାଲମିଆଁ ସିମେଣ୍ଟ କାରଖାନା ପାରିଆ ପଞ୍ଚାୟତର ୬୦ଜଣଙ୍କୁ ନିଯୁକ୍ତି ଦେଇଛି। କମ୍ପାନୀ ତାହାର ପାରିପାର୍ଶ୍ୱିକ ଉନ୍ନୟନ ପାଣ୍ଠିରେ ପଞ୍ଚାୟତର ମନ୍ଦିର, ବିଦ୍ୟାଳୟ, କମ୍ୟୁନିଟି ସେଣ୍ଟର ଆଦି ନିର୍ମାଣ କରିଛି। ଗରିବ ଛାତ୍ରୀଛାତ୍ରଙ୍କୁ ଶିକ୍ଷାର ଉନ୍ନତି ପାଇଁ ସାହାଯ୍ୟ ଯୋଗାଇ ଆସୁଛି। ମାତ୍ର କେତେଜଣ ନିଜ ସ୍ୱାର୍ଥ ପାଇଁ କମ୍ପାନୀ ବିରୋଧରେ ଆନ୍ଦୋଳନ କରିବାକୁ ଅନୁମତି ମାଗିଛନ୍ତି। ତେଣୁ ଅନୁମତି ନ ଦେବାକୁ ସେମାନେ ଜିଲାପାଳ, ଏସ୍‌ପି, ଦର୍ପଣ ତହସିଲଦାର ଦର୍ପଣ ଓ ବୈରୀ ଥାନା ଅଧିକାରୀ ଲିଖିତ ଆକାରରେ ଜଣାଇଛନ୍ତି। ଫଳରେ ଏହାକୁ ନେଇ ଉଭୟ ଗୋଷ୍ଠୀ ମଧ୍ୟରେ ବିବାଦ ଦେଖାଦେଇଛି।

## ସତ୍ୟସାଇ ସେବା ସଂଗଠନ ରାଜ୍ୟ ସମ୍ମିଳନୀ


ସମ୍ମିଳନୀରେ ସତ୍ୟସାଇ ସେବା ସଂଗଠନର କର୍ମକର୍ତ୍ତା।

ଚଣ୍ଡିଖୋଲ,୨୧।୧(ପ୍ରଦୀପ୍ତ କୁମାର ପୃଷ୍ଟି): ଯାଜପୁର ଜିଲାର ପ୍ରସିଦ୍ଧ ପର୍ଯ୍ୟଟନ କ୍ଷେତ୍ର ଓଳାଶୁଣୀ ଗୁମ୍ଫା ପାହାଡ ଶୀର୍ଷ ଦେଶରେ ସତ୍ୟସାଇ ସେବା ସଂଗଠନର ୨ ଦିନିଆ ରାଜ୍ୟ ସମ୍ମିଳନୀ ରବିବାର ଉଦ୍‌ଯାପିତ ହୋଇଯାଇଛି। ଶୁକ୍ରବାରଠାରୁ ଏହି ସମ୍ମିଳନୀ ଆରମ୍ଭ ହୋଇଥିଲା। କେନ୍ଦ୍ରାପଡ଼ା ଜିଲା ସାଇ ସେବକ ସଂଗଠନ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ବିଭିନ୍ନ ଜିଲାରେ ଥିବା ୨୪୦ ସମିତି ପକ୍ଷରୁ ୨୦୦୦ରୁ ଊର୍ଦ୍ଧ୍ୱ କର୍ମକର୍ତ୍ତା ଯୋଗ ଦେଇଥିଲେ। ପ୍ରଥମ ଦିବସରେ ପ୍ରଶାନ୍ତି ଧ୍ୱଜା ଉତ୍ତୋଳନ ସହ ସଂକଳ୍ପ ପତ୍ର ୨୦୨୪ ଉନ୍ମୋଚନ କରାଯାଇଥିଲା। ସଂଗଠନର ସର୍ବଭାରତୀୟ ସଭାପତି ନୀମିଷ ପାଣ୍ଡ୍ୟା ଓ ସଂଗଠନର ପୂର୍ବମଣ୍ଡଳ ସଭାପତି ନାରାୟଣ ପ୍ରାସାଦ ସର କେନ୍ଦ୍ରାପଡ଼ା ବଳଦେବ ଜୀଉ ମନ୍ଦିରରୁ ଆଜ୍ଞାମାଳ ଆଣି ପହଞ୍ଚିବାପରେ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ସଂଗଠନର ବାଲ ବିକାଶ, ଯୁବ ବିଭାଗ ଓ ମହିଳା ବିଭାଗ ଦ୍ୱାରା ହୋଇଥିବା ବର୍ଷବ୍ୟାପୀ ସେବା ସମ୍ପର୍କରେ ଆଲୋଚନା କରାଯାଇଥିଲା। ସାନ୍ଧ୍ୟା ଅଧିବେଶନରେ(କର୍ନାଟକ ଓ ଗୋଆ)ର ମୁଖ୍ୟ ଆୟକର ଅଧିକାରୀ ଜେ. କ୍ରିଷ୍ଣା କିଶୋର ସାଇଙ୍କ ଦିବ୍ୟ ଅନୁଭୂତି ସମ୍ପର୍କରେ ମାର୍ଗଦର୍ଶନ ଦେଇଥିଲେ। ଉଚ୍ଚ ଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ, ଯାଜପୁର ଏମପି ଶର୍ମିଷ୍ଠା ସେଠୀ ପ୍ରମୁଖ ଅତିଥି ଭାବରେ ଯୋଗଦେଇ ସାଇକୃପା ଲାଭ କରିଥିଲେ। ଅନ୍ତିମ ଦିବସରେ ଓଁକାରମ, ସୁପ୍ରଭାତମ, ବେଦ ପରିକ୍ରମା କରାଯାଇଥିଲା। ଉଦ୍‌ଯାପନୀ ସମାରୋହରେ ପ୍ରାକ୍ତନ ରାଜ୍ୟ ସଭାପତି ପି. ଜଗନ୍ନାଥ ପ୍ରସାଦ ରାଓ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ରାଜ୍ୟ ସଭାପତି ଡ. ସତ୍ୟସ୍ୱରୂପ ପଟ୍ଟନାୟକ ସତ୍ୟ ସାଇଙ୍କ ଜନ୍ମ ଶତବାର୍ଷିକୀ ଉପଲକ୍ଷେ ନିଜର ଅଭିବ୍ୟକ୍ତି ପ୍ରଦାନ କରିଥିଲେ। ସମ୍ମିଳନୀ ଅବସରରେ ରାଜ୍ୟ ସଂଗଠନ ପକ୍ଷରୁ ପ୍ରଜ୍ଞା ପ୍ରଦର୍ଶନୀ ଓ ପ୍ରଶାନ୍ତି ଭଣ୍ଡାର ଆୟୋଜନ କରାଯାଇଥିଲା।

## ଆସନ୍ତା ୨୩ରେ ୧ କିଲୋମିଟର ତ୍ରିରଙ୍ଗା ଯାତ୍ରା

କେନ୍ଦ୍ରାପଡ଼ା, ୨୧।୧ (ଜଗନ୍ନାଥ ଧଳ)

ଆସନ୍ତା ୨୩ ତାରିଖରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ। ଏହି ଉପଲକ୍ଷେ କେନ୍ଦ୍ରାପଡ଼ା ଜିଲା ଘରୋଇ ସ୍କୁଲ ସଙ୍ଗଠନ ପକ୍ଷରୁ ୧ କିଲୋମିଟର ଲମ୍ବର ତ୍ରିରଙ୍ଗା ପତାକା ଯାତ୍ରା ଅନୁଷ୍ଠିତ ହେବ। ଏହି ଉପଲକ୍ଷେ ସଙ୍ଗଠନ ପକ୍ଷରୁ ଗୋପସ୍ଥିତ ଏକ ଘରୋଇ ସ୍କୁଲ ପରିସରରେ ଖବରଦାତା ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଥିଲା। ଏଥିରେ ସଙ୍ଗଠନର କର୍ମକର୍ତ୍ତା ନିରଞ୍ଜନ ବେହେରା, ରଞ୍ଜନ କୁମାର ବିଶ୍ୱାଳ, ଅଜୟ କୁମାର ପୃଷ୍ଟି, ପ୍ରଭାତ କୁମାର ପରିଡା ପ୍ରମୁଖ ସୂଚନା ପ୍ରଦାନ କରିଥିଲେ। ଦୁଇ ପ୍ରମୁଖ ବୀରଙ୍କ ଜୟନ୍ତୀ ଅବସରରେ ସ୍ମରଣ କରିବା ପାଇଁ ଚଳିତବର୍ଷ ୧ କି.ମି. ଲମ୍ବର ତ୍ରିରଙ୍ଗା ପତାକା ଯାତ୍ରା ପାଇଁ ସଙ୍ଗଠନ ପକ୍ଷରୁ ସମସ୍ତ ପ୍ରସ୍ତୁତି ସରିଛି। ଏହି ଯାତ୍ରା ସକାଳ ୮ରୁ ସହରର ଇଚ୍ଛାପୁରସ୍ଥ ଶ୍ରୀବଳଦେବଜୀଉଙ୍କ ରଥଦାଣ୍ଡରୁ ଆରମ୍ଭ ହୋଇ ସହର ମଧ୍ୟଦେଇ ତିନିମୁହାଣୀ ପର୍ଯ୍ୟନ୍ତ ଯିବ। ଏଥିରେ ଜିଲାର ଘରୋଇ ସ୍କୁଲଗୁଡ଼ିକର ୫ ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ସାମିଲ ହେବେ। ଏହି ତ୍ରିରଙ୍ଗା ଯାତ୍ରାକୁ ସହରର ଛାତ୍ରୀଛାତ୍ର, ବ୍ୟବସାୟିକ ପ୍ରତିଷ୍ଠାନ, ସଙ୍ଗଠନ, ପୂଜା କମିଟି, ଲୋକ ପ୍ରତିନିଧି, ବରିଷ୍ଠ ନାଗରିକ ମଞ୍ଚ, ବୁଦ୍ଧିଜୀବୀ ପ୍ରମୁଖ ସକାରାତ୍ମକ ଆଭିମୁଖ୍ୟ ଦେଖାଇଛନ୍ତି।

# 'ମଣିଷ ଜୀବନ ପୁସ୍ତକ ପରି'

### ଜଗତ୍‌ସିଂହପୁର ପୁସ୍ତକ ମେଳା ରୌପ୍ୟ ଜୟନ୍ତୀ ସମାରୋହ ଉଦ୍‌ଯାପିତ

ଜଗତ୍‌ସିଂହପୁର, ୨୧।୧
(ପ୍ରମୋଦ କୁମାର ନାୟକ)



ରୌପ୍ୟଜୟନ୍ତୀ ବିଶେଷାଙ୍କ ସ୍ମୃତିପତ୍ରକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

ପୁସ୍ତକ ମେଳାର ଗୁରୁତ୍ୱ ସବୁବେଳେ ରହିଛି। ଏହା ଲେଖକ, ପାଠକ ଓ ପ୍ରକାଶକମାନଙ୍କ ତ୍ରିବେଣୀ ସଙ୍ଗମ ଭଳି ଅନୁଭବ ହୁଏ। ପୁସ୍ତକ ପଠନ ଦ୍ୱାରା ଆମର ଆଧ୍ୟାତ୍ମିକ, ମାନସିକ ଓ ଭୌତିକ ବିକାଶ ହୋଇଥାଏ। ବୈଷୟିକ ଜ୍ଞାନର ବିକାଶ ଯୋଗୁ ପୁସ୍ତକ କେତେକାଂଶରେ ପ୍ରଭାବିତ ହେଉଛି। କିନ୍ତୁ ଏହା ସତ୍ତା ହଜାଇ ନାହିଁ। ମଣିଷ ଜୀବନ ଏକ ପୁସ୍ତକ ପରି। ଏଥିରେ କିଛି ଦୁଃଖ ଓ ସୁଖର ଅଧ୍ୟାୟ ଥାଏ। ଯେମିତି ବହିରେ କ'ଣ ଅଛି ଜାଣିବା ପାଇଁ ପୃଷ୍ଠା ପରେ ପୃଷ୍ଠା ଓଲଟାଇବାକୁ ପଡେ଼, ସେମିତି ଜୀବନରେ ଆଗକୁ କ'ଣ ଘଟିବାର ଅଛି ତାକୁ ଜାଣିବା ପାଇଁ ଜିଇବାକୁ ପଡ଼ିଥାଏ। ରବିବାର ଜଗତ୍‌ସିଂହପୁର ପୁସ୍ତକ ମେଳାର ରୌପ୍ୟ ଜୟନ୍ତୀ ସମାରୋହର ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବାଚସ୍ପତି ପ୍ରମିଳା ମଲ୍ଲିକ ଏହା କହିଛନ୍ତି। ସେ ଏକଥା ମଧ୍ୟ କହିଥିଲେ, ଆମେ ଜ୍ଞାନ ଅର୍ଜନରେ ମନ ବଳାଇଲେ ସମୟ ଅପବ୍ୟୟ ହେବନାହିଁ। ପ୍ରତି ବହିରେ କିଛି ନା କିଛି ମିଳେ। ପ୍ରତ୍ୟେକେ ସେମାନଙ୍କ ଜୀବନରେ ଭଲ, ମନ୍ଦ କାର୍ଯ୍ୟ କରି ଆରପାରିକୁ ଚାଲିଯାନ୍ତି। କିନ୍ତୁ ସେମାନଙ୍କ ଶ୍ରେଷ୍ଠ ବିଚାର, ଜ୍ଞାନ, ଉପଦେଶ, ସଂସ୍କୃତି, ସଭ୍ୟତା ଓ ମାନବୀୟ ମୂଲ୍ୟବୋଧ ପୁସ୍ତକ ରୂପେ ବିବେଚିତ ହୋଇଯାଏ। ବେଦ, ଉପନିଷଦ, ରାମାୟଣ, ମହାଭାରତ ଆଦି ଗ୍ରନ୍ଥ ଆଜି ମଧ୍ୟ ଉଜ୍ଜୀବିତ ହୋଇ ରହିଛି। ଆଜିର ଯୁଗରେ ଜୀବନର ମୂଲ୍ୟବୋଧ ହ୍ରାସ ପାଉଛି। ନୈତିକତା ଓ ସଂସ୍କୃତି ଉପରେ ସଙ୍କଟ ଅର୍ଥାତ୍ କଳାବାଦଲ ଘୋଟିବାରେ ଲାଗିଛି। ଏହିଭଳି ସମୟରେ ପୁସ୍ତକର ପ୍ରଚାର ଓ ପ୍ରସାର ଜରୁରୀ। ସମ୍ମାନିତ ଅତିଥି ଭାବେ ସରକାରୀ ଦଳ ମୁଖ୍ୟ ସଚେତକ ପ୍ରଶାନ୍ତ କୁମାର ମୁଦୁଲି କହିଥିଲେ, ସମ୍ପ୍ରତି କମ୍ପ୍ୟୁଟରାଇଜେଶନ୍ ଯୁଗରେ ପେପର ଲେସ୍ ପାଇଁ ଯୋଜନା ହେଉଛି। ଲୋକ ସଭା, ବିଧାନସଭା ଆଦି ପେପରଲେସ୍ ହେବାକୁ ଯାଉଛି। ପୁସ୍ତକଗୁଡ଼ିକ ମଧ୍ୟ ଡିଜିଟାଲାଇଜେସନ୍ ହେବାକୁ ଯାଉଛି। କୌଣସି ବିଷୟରେ ଜାଣିବାକୁ ହେଲେ ସଙ୍ଗେ ସଙ୍ଗେ ଗୁଗଲ ସର୍ଚ୍ଚ କରି ଜାଣି ହେଉଛି। ରାଜନେତାମାନେ ସବୁବେଳେ ଲୋକଙ୍କ ସାଥିରେ ରହିବା ସହ ଅନେକ ସମସ୍ୟାରେ ରହିଥାନ୍ତି। ବହି ଖଣ୍ଡେ ପଢିବା ପାଇଁ ଇଚ୍ଛା ଥିଲେ ମଧ୍ୟ ସମ୍ଭବ ହୁଏନି। କିନ୍ତୁ ଆଶ୍ଚର୍ଯ୍ୟ ହେବାକୁ ପଡ଼େ ବିଜୁ ପଟ୍ଟନାୟକ, ଜାନକୀ ବଲ୍ଲଭ ପଟ୍ଟନାୟକ, ହରେକୃଷ୍ଣ ମହତାବ ଓ ନୀଳମଣି ରାଉତରାୟଙ୍କ ଭଳି ମୁଖ୍ୟମନ୍ତ୍ରୀମାନେ ଟିକିଏ ସମୟ ପାଇଲେ ବହି ଖଣ୍ଡେ ଧରି ପଢ଼ନ୍ତି। ସେମାନଙ୍କ ଲେଖାର ମଧ୍ୟ ବିକଳ୍ପ ନାହିଁ। ଏହା କେବଳ ମାନସିକତା ଉପରେ ନିର୍ଭର କରେ। ତେଣୁ ପ୍ରତ୍ୟେକେ କମ୍ ସମୟ ହେଉ ବରଂ ବହି ପଢ଼ିବା ଆବଶ୍ୟକ ବୋଲି ମୁଦୁଲି କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ପାରାଦୀପ ପୌରାଧ୍ୟକ୍ଷ ବସନ୍ତ କୁମାର ବିଶ୍ୱାଳ ଯୋଗଦେଇ ପାରାଦୀପକୁ ମିନି ଇଣ୍ଡିଆ ରୂପେ ବିବେଚନା କରିଥିଲେ। ସେ କହିଥିଲେ, ଦେଶ, ବିଦେଶରୁ ଅନେକ ଲୋକ ପାରାଦୀପରେ ରହୁଛନ୍ତି। ତେଣୁ ଆମ ଭାଷା, ସାହିତ୍ୟକୁ ସେମାନଙ୍କ ପାଖରେ ପହଞ୍ଚାଇବା ପାଇଁ ପାରାଦୀପରେ ବନ୍ଦ ଥିବା ପୁସ୍ତକ ମେଳା ପୁନଃ କାର୍ଯ୍ୟକାରୀ କରିବାକୁ ପଡ଼ିବ। ଜିଲାପାଳ ପାରୁଲ ପଟାୱାରିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ଜଗତ୍‌ସିଂହପୁର ସାଂସ୍କୃତିକ ପରିଷଦ ଯୁଗ୍ମ ସମ୍ପାଦକ ଡ. ସୁଧୀର କୁମାର ମହାନ୍ତି ସ୍ୱାଗତ ଭାଷଣ, ସମ୍ପାଦକ ସାରଦା ପ୍ରସାଦ ଦାସ ସମ୍ପାଦକୀୟ ବିବରଣୀ ଓ କାର୍ଯ୍ୟକାରୀ ସଭାପତି ବିପ୍ଳବ ଚୌଧୁରୀ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ରୌପ୍ୟଜୟନ୍ତୀ ବିଶେଷାଙ୍କ ସ୍ମୃତି ପତ୍ର ଉନ୍ମୋଚିତ ହୋଇଥିଲା।

## ଛାତରୁ ପଡ଼ି ବ୍ୟବସାୟୀ ମୃତ

ବାଲିକୁଦା, ୨୧।୧(ତାପସ ସ୍ୱାଇଁ): ଛାତରୁ ପଡ଼ିଯିବାରୁ ଜଣେ ଯୁବ ବ୍ୟବସାୟୀଙ୍କ ମୃତ୍ୟୁ ଘଟିଛି । ସେ ହେଲେ ବଡ଼ଗାଁ ପଞ୍ଚାୟତ ନାରଦିଆ ଗାଁର ଘନଶ୍ୟାମ ସ୍ୱାଇଁଙ୍କ ପୁଅ ସମୀର ସ୍ୱାଇଁ(୫୦) । ସମୀରଙ୍କର ନାରଦିଆ ବଜାରରେ ଏକ ଔଷଧ ଦୋକାନ ରହିଛି । ସେ ଦୋକାନ ବନ୍ଦ କରି ମଧ୍ୟାହ୍ନରେ ଘରକୁ ଖାଇବାକୁ ଆସିଥିଲେ। କୌଣସି କାମରେ ସେ ନିଜ ଘରର ଛାତ ଉପରକୁ ଯାଇଥିବା ବେଳେ ପଲେ ମାଙ୍କଡ଼ ତାଙ୍କ ଆଡ଼କୁ ମାଡ଼ି ଆସିଥିଲେ । ମାଙ୍କଡ଼ ପଲଙ୍କୁ ଦେଖି ସମୀର ଛାତ ଉପରୁ ଘରକୁ ଝପଟି ଆସୁଥିବା ବେଳେ ଶିଡ଼ିରୁ ତଳକୁ ପଡ଼ିଯାଇଥିଲେ । ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଜଗତ୍‌ସିଂହପୁର ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ବଡ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ମୃତଦେହକୁ ଗାଁକୁ ଅଣାଯାଇ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ତାଙ୍କ ମୃତ୍ୟୁରେ ନାରଦିଆ ବଜାର ରବିବାର ବନ୍ଦ ରଖାଯାଇଥିଲା ।

## ଡେରାବିଶ ପ୍ରେସ୍ କ୍ଲବ ଚାମ୍ପିୟନ

ଡେରାବିଶ, ୨୧।୧(ବେବର୍ତ୍ତା ଅଜୟ ଦାସ)

ଡେରାବିଶ ମିନି ଷ୍ଟାଡିୟମରେ ଦିନିକିଆ ପ୍ରଦର୍ଶନୀ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଅନୁଷ୍ଠିତ ହୋଇଯାଇଛି। ଡେରାବିଶ ବ୍ଲକ ପ୍ରଶାସନ ପକ୍ଷରୁ ହୋଇଥିବା ଟୁର୍ନାମେଣ୍ଟରେ ବ୍ଲକ ପ୍ରଶାସନ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଓ ଜିଆରଏସ୍ ଟିମ୍, ଡେରାବିଶ ପଞ୍ଚାୟତ ସମିତିର ପ୍ରତିନିଧି ଓ ଡେରାବିଶ ପ୍ରେସ୍ କ୍ଲବ ମଧ୍ୟରେ ଖେଳ ହୋଇଥିଲା। ଏହି ଟୁର୍ନାମେଣ୍ଟକୁ ଡେରାବିଶ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଦେବାଶିଷ ଆଚାର୍ଯ୍ୟ ଉଦ୍‌ଘାଟନ କରିଥିଲେ। ବିଡିଓ ଦାଶରଥି ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଛୋଟି ସରପଞ୍ଚ ରଜନୀ ମଲିକ, ନରସିଂହପୁର ସରପଞ୍ଚ ସୁଧୀର କୁମାର ଖିଟୁଆ, ରଘୁଦେଇପୁର ସରପଞ୍ଚ ଭକ୍ତିଲତା ନାୟକ, ସହକାରୀ ନିର୍ବାହୀ ଯନ୍ତ୍ରୀ ଶୁଭଶ୍ରୀ ଦଳେଇ ଯୋଗଦେଇଥିଲେ। ପ୍ରଥମେ ପଞ୍ଚାୟତ କାର୍ଯ୍ୟନିର୍ବାହୀ, ଜିଆରଏସ୍ ଟିମ୍ ଓ ବ୍ଲକ ପ୍ରଶାସନ ଟିମ୍ ମଧ୍ୟରେ ପ୍ରତିଯୋଗିତା ହୋଇଥିଲା। ଏହି ପ୍ରତିଯୋଗିତାରେ ବ୍ଲକ ପ୍ରଶାସନ ଟିମ୍ ଫାଇନାଲକୁ ଉନ୍ନୀତ ହୋଇଥିବା ବେଳେ ପଞ୍ଚାୟତ ସମିତି ପ୍ରତିନିଧି ଟିମ୍ ଓ ଡେରାବିଶ ପ୍ରେସ୍ କ୍ଲବ ମଧ୍ୟରେ ଅନୁଷ୍ଠିତ ପ୍ରତିଯୋଗିତାରେ ପ୍ରେସ୍ କ୍ଲବ ବିଜୟୀ ହୋଇଥିଲା। ଫାଇନାଲକୁ ଉନ୍ନୀତ ହୋଇଥିବା ଡେରାବିଶ ପ୍ରେସ୍ କ୍ଲବ ଓ ବ୍ଲକ ପ୍ରଶାସନ ମଧ୍ୟରେ ଖେଳ ହୋଇଥିଲା। ପ୍ରଥମେ ବ୍ଲକ ପ୍ରଶାସନ ବ୍ୟାଟିଂକରି ନିର୍ଦ୍ଧାରିତ ୮ ଓଭରରେ ୩ ଉଇକେଟ ହରାଇ ୮୦ ରନ୍ କରିଥିଲା। ଜବାବରେ ଡେରାବିଶ ପ୍ରେସ୍ କ୍ଲବ ନିର୍ଦ୍ଧାରିତ ଓଭରରେ ୪ ଉଇକେଟ ବିନିମୟରେ ୮୧ ରନ୍ କରି ଚାମ୍ପିୟନ ହୋଇଥିଲା। ବିଡିଓ ଜେନା ପ୍ରେସ୍ କ୍ଲବ ଦଳକୁ ଚାମ୍ପିୟନ ଟ୍ରଫି ଓ ବ୍ଲକ ପ୍ରଶାସନ ଦଳକୁ ରନର୍ସ ଅପ୍ ଟ୍ରଫି ପ୍ରଦାନ କରିଥିଲେ। ବ୍ଲକ ପ୍ରଶାସନ ଦଳର ପ୍ରଶାନ୍ତ କୁମାର ଦାସ ମ୍ୟାନ୍ ଅଫ୍ ଦି ମ୍ୟାଚ୍, ପ୍ରେସ୍ କ୍ଲବର ଖୁରସିଦ୍ ଆଲମ୍ ଖାଁଙ୍କୁ ମ୍ୟାନ୍ ଅଫ୍ ଦି ସିରିଜ୍ ଭାବେ ପୁରସ୍କୃତ କରାଯାଇଥିଲା। ଅମ୍ପାୟର ଭାବେ ଜୟନ୍ତ ଶତପଥୀ ଓ ଜ୍ୟୋତିକାନ୍ତ ପୃଷ୍ଟି ଖେଳ ପରିଚାଳନା କରିଥିଲେ।



ଅତିଥିମାନେ ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରୁଛନ୍ତି।

## ରାସ୍ତାକାମ ବନ୍ଦ କଲେ ଗ୍ରାମବାସୀ



ଗ୍ରାମବାସୀ ରାସ୍ତାକାମ ବନ୍ଦ କରି ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ବାଲିକୁଦା, ୨୧।୧(ତାପସ ସ୍ୱାଇଁ)

### ବାଲିପାଟଣା- ଦଶବାଟିଆ ରାସ୍ତା
### ନିମ୍ନମାନର କାମ ଚାଲିଥିବା ଅଭିଯୋଗ

ବାଲିକୁଦା ବ୍ଲକ ବରମୁଣ୍ଡଳୀ ପଞ୍ଚାୟତ ବାଲିପାଟଣା ଦେବୀ ନଦୀ ବନ୍ଧଠାରୁ ଦଶବାଟିଆ ବଜାର ତିହୁଡି ନହରଣା ମୁଖ୍ୟ ରାସ୍ତାକୁ ସଂଯୋଗ କରୁଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତାର ପିଚୁ କାର୍ଯ୍ୟ ଜାରି ରହିଛି। ଏହାର ବାଲିପାଟଣା ସାପ୍ତାହିକ ହାଟ ପାଖ ରାସ୍ତାରେ ହୋଇଥିବା ପିଚୁ କାର୍ଯ୍ୟ ନିମ୍ନମାନର ହୋଇଛି। ଫଳରେ ସେଥିରୁ ପିଚୁ ଉଠିବାରେ ଲାଗିଥିବା ଅଭିଯୋଗ କରି ବାଲିପାଟଣା ଓ ଦଶବାଟିଆ ଗ୍ରାମର ବହୁ ଲୋକେ ଅସନ୍ତୋଷ ବ୍ୟକ୍ତ କରି ରବିବାର କାର୍ଯ୍ୟ ବନ୍ଦ କରି ଦେଇଛନ୍ତି। ଶେଷରେ ବିଭାଗୀୟ ଯନ୍ତ୍ରୀ ସଞ୍ଜୟ କୁମାର ସ୍ୱାଇଁ ସ୍ଥାନୀୟ ଅନନ୍ତପୁର ଫାଣ୍ଡି ପୋଲିସର ସହାୟତା ନେଇଥିଲେ। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଜନସାଧାରଣଙ୍କ ସହ ଆଲୋଚନା କରିଥିଲେ। ହେଲେ ବିଭାଗୀୟ ଯନ୍ତ୍ରୀ ଆସି ଠିକ୍ ଭାବେ କାର୍ଯ୍ୟ ନ କଲେ ଏହି କାମ ହେବ ନାହିଁ ବୋଲି କହି ଉପସ୍ଥିତ ଗ୍ରାମବାସୀ ବିକ୍ଷୋଭ କରିଥିଲେ। ଫଳରେ ଠିକାସଂସ୍ଥା କାର୍ଯ୍ୟ ସ୍ଥଗିତ ରଖିବାକୁ ବାଧ୍ୟ ହୋଇଛନ୍ତି। ସୂଚନା ଅନୁଯାୟୀ ଏହି ରାସ୍ତା ବର୍ଷକ ତଳେ ଖାଲଖମାରେ ପରିଣତ ହୋଇଯାଇଥିଲା। ଏହାର ପୁନରୁଦ୍ଧାର ପାଇଁ ବାରମ୍ବାର ଦାବି ଓ ପ୍ରତିବାଦ କରାଯିବା ପରେ ବିଭାଗ ପକ୍ଷରୁ ଉକ୍ତ ରାସ୍ତା ପାଇଁ ଲକ୍ଷାଧିକ ଟଙ୍କାର ଟେଣ୍ଡର କରାଯାଇଥିଲା। ମାତ୍ର ଠିକା ସଂସ୍ଥା କାର୍ଯ୍ୟ ଆରମ୍ଭ କରି କେବଳ ଡଷ୍ଟ ଓ ଗୋଡି ମିଶାଇ ଖାଲ ସମତୁଲ କରି ଆଳ ଦେଖାଇ କାର୍ଯ୍ୟ ଛାଡି ଚାଲିଯାଇଥିଲା। ଶନିବାର ଉକ୍ତ ରାସ୍ତାର କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ରାସ୍ତାରୁ ପିଚୁ ଉଠିବା କାରଣରୁ ଲୋକେ ପ୍ରତିବାଦ କରିଛନ୍ତି। ଏହି କାର୍ଯ୍ୟ ଠିକ୍ ଭାବେ କରିବା ପାଇଁ ବେଣୁଧର ବେହେରା, ମଧୁସୂଦନ ବେହେରା, ବିପନ ବେହେରା, ପୂର୍ଣ୍ଣଚନ୍ଦ୍ର ବେହେରା, ଶିବ ଚରଣ ବେହେରା, ସତ୍ୟବ୍ରତ ନନ୍ଦ, ବାବାଜୀ ବେହେରାଙ୍କ ସମେତ ଭଏସ୍ ଅଫ ବାଲିକୁଦା ସଙ୍ଗଠନ ପକ୍ଷରୁ ଦାବି କରାଯାଇଛି। ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ କହିଛନ୍ତି, ଉକ୍ତ ରାସ୍ତା ଉପରେ ଅନେକ ସମୟରେ ଭାରିଯାନ ଚଳାଚଳ କରୁଛି। ଅପରପକ୍ଷେ ଖରା ନ ଥିବାରୁ ପିଚୁ ତରଳୁ ନାହିଁ। ଏଥିପାଇଁ ଏଭଳି ସମସ୍ୟା ସୃଷ୍ଟି ହୋଇଛି। ତେବେ ଯେଉଁଠାରେ ପିଚୁ ଉଠିବ ଉକ୍ତ ରାସ୍ତା ପୁନର୍ବାର ନିର୍ମାଣ କରାଯିବ।

## ଅଂଶୁମାନଙ୍କ କୁଶପୁତ୍ତଳିକା ପୋଡ଼ିଲା ବିଜେଡି

ପଟ୍ଟାମୁଣ୍ଡାଇ,୨୧।୧(କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ବ୍ଲକ ଓ ନଗର ମହିଳା ବିଜେଡି ପକ୍ଷରୁ ରବିବାର ସନ୍ଧ୍ୟାରେ ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତିଙ୍କ କୁଶପୁତ୍ତଳିକା ପୋଡ଼ାଯାଇଛି। ସାମାଜିକ ଗଣମାଧ୍ୟମରେ ଅଂଶୁମାନଙ୍କ ପରକୀୟା ପ୍ରୀତି ସମ୍ପର୍କରେ ପ୍ରକାଶିତ ଖବରକୁ ନେଇ ବ୍ଲକ ଓ ନଗର ମହିଳା ବିଜେଡି ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି। ବ୍ଲକ ମହିଳା ବିଜେଡି ସଭାନେତ୍ରୀ ଜୟନ୍ତୀ ସ୍ୱାଇଁ ଓ ନଗର ମହିଳା ବିଜେଡି ସଭାନେତ୍ରୀ ଲାସ୍ୟମୟୀ ସାହୁଙ୍କ ନେତୃତ୍ୱରେ କାଉନ୍‌ସିଲର ଝରଣା ବେହେରା, ମଧୁସ୍ମିତା ମଲିକ, ପ୍ରିୟଙ୍କା ସେଠୀ, ରୀନା ମଲିକ, ଭାରତୀ ଦାସ, ଅନସୂୟା ସାହୁ, ସସ୍ମିତା ବେହେରା, ଗୁରୁବାରୀ ମଲିକ, ଅନୁରାଧା ଦାସ, ସସ୍ମିତା ଦାସ, ସୁକାନ୍ତି ସିଂହ, କୁନ୍ତି ବେହେରା, ସସ୍ମିତା ପାତ୍ର ପ୍ରମୁଖ ବହୁ ବିଜେଡି ମହିଳାନେତ୍ରୀ ସାମିଲ ହୋଇ ସ୍ଥାନୀୟ ହରପାର୍ବତୀ ମନ୍ଦିର ଛକରେ ପୂର୍ବତନ ବିଧାୟକ ଅଂଶୁମାନଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ନାରୀ ସମ୍ମାନର ସୁରକ୍ଷା ପାଇଁ ପ୍ରତିଶ୍ରୁତିବଦ୍ଧ ବିଜେଡି ନାରୀ ଅପମାନ ବିରୋଧରେ ତା'ର ସଂଗ୍ରାମ ଜାରି ରଖିବ ବୋଲି ବ୍ଲକ ମହିଳା ବିଜେଡି ସଭାନେତ୍ରୀ ସ୍ୱାଇଁ ଓ ନଗର ମହିଳା ସଭାନେତ୍ରୀ ସାହୁ ପ୍ରକାଶ କରିଛନ୍ତି। ସୋସିଆଲ ମିଡିଆରେ ମିଥ୍ୟା ଓ ଭିତ୍ତିହୀନ ପ୍ରାୟୋଜିତ ଖବର ପ୍ରସାରଣ କରି ନଗର ବିଜେଡି ମହିଳା ସଭାନେତ୍ରୀଙ୍କ ନେତୃତ୍ୱରେ ପୂର୍ବତନ ବିଧାୟକ ଅଂଶୁମାନଙ୍କ କୁଶପୁତ୍ତଳିକା ଦାହ କାର୍ଯ୍ୟକ୍ରମକୁ ପଟ୍ଟାମୁଣ୍ଡାଇ ନଗର କଂଗ୍ରେସ ସଭାପତି ଅମୂଲ୍ୟ ପ୍ରଧାନ ଦୃଢ ନିନ୍ଦା କରିଛନ୍ତି। ସୋସିଆଲ ମିଡିଆରେ ଏଭଳି ପୋଷ୍ଟ କରିଥିବା ବ୍ୟକ୍ତିଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।



ପଟ୍ଟାମୁଣ୍ଡାଇ ବ୍ଲକ, ନଗର ବିଜେଡି ମହିଳାଙ୍କ ପକ୍ଷରୁ ଅଂଶୁମାନଙ୍କ କୁଶପୁତ୍ତଳିକା ପୋଡା ଯାଉଛି।

## 'ବିଧାୟକ ହେବା ଅପେକ୍ଷା ଲିଡର ହେବି'

### ବାପି ସର୍ଖେଲଙ୍କ ପରିବର୍ତ୍ତନ ସମାବେଶ

ପାରାଦୀପ,୨୧।୧(ଶରତ ରାଉତ)



ସମାବେଶରେ ବାପି ସର୍ଖେଲଙ୍କୁ ପୁଷ୍ପମାଳ ଦିଆଯାଇ ସ୍ୱାଗତ କରାଯାଉଛି।

କିଛିଦିନର ନୀରବତା ପରେ ପାରାଦୀପରେ ରବିବାର ନିଜର ଉପସ୍ଥିତି ଜାହିର କରିଛନ୍ତି ଅରିନ୍ଦମ ସର୍ଖେଲ (ବାପି)। ପ୍ରଗତି ଓ ପରିବର୍ତ୍ତନ ସମାବେଶ ଆୟୋଜନ କରି ୨୦୨୪ ସାଧାରଣ ନିର୍ବାଚନ ପାଇଁ ସେ ମୂଳଦୁଆ ପକାଇଛନ୍ତି। ବାପିଙ୍କ ନିଜସ୍ୱ ୫ଟି ସଙ୍ଗଠନ ପକ୍ଷରୁ ଏହି ସମାବେଶ ଆୟୋଜନ କରାଯାଇଥିଲା। ଉକ୍ତ ସଙ୍ଗଠନଗୁଡିକ ହେଲା ପାରାଦୀପ-ଏରସମା ଶିଳ୍ପାଞ୍ଚଳ ଶ୍ରମିକ ସଂଘ, ପାରାଦୀପ-ଏରସମା ଶିଳ୍ପାଞ୍ଚଳ ବିକାଶ ପରିଷଦ, ଆମ ପାରାଦୀପ ଆମ ପ୍ରଗତି, ପୋର୍ଟ ଡିଏଲ୍ଆର୍ ଆସୋସିଏଶନ, ଯୁଥ ଫେଡେରେଶନ। ସମାବେଶରେ କୌଣସି ରାଜନୈତିକ ଦଳର ଚିହ୍ନ ନ ଥିଲା। ଏହି ଅବସରରେ ହଜାରରୁ ଅଧିକ ବାଇକ ରାଲି ବାହାରି ପାରାଦୀପର ଦୋଛକିଠାରୁ ଜୟଦେବ ସଦନ ସଭାସ୍ଥଳ ପର୍ଯ୍ୟନ୍ତ ଯାଇଥିଲା। ରାସ୍ତାର ଉଭୟ ପାର୍ଶ୍ୱରେ ହଜାରରୁ ଊର୍ଦ୍ଧ୍ୱ ମହିଳାଙ୍କ ସମେତ ବିଭିନ୍ନ ସଙ୍ଗଠନ ପକ୍ଷରୁ ବାପିଙ୍କୁ ଫୁଲ ଦେଇ ଓ ଦୀପ ଜାଳି ସ୍ୱାଗତ କରାଯାଇଥିଲା। ଜୟଦେବ ସଦନ ପାଖ ପଡ଼ିଆରେ ହୋଇଥିବା ସଭା ମଞ୍ଚରେ ବାପି, ତାଙ୍କ ସ୍ତ୍ରୀ ଦୀପା, ୮ ଜଣ କାଉନ୍‌ସିଲରଙ୍କ ସମେତ ସମସ୍ତ ସଂଘର କର୍ମକର୍ତ୍ତା ବସିଥିଲେ। ଏଥିରେ ବାପି ପାରାଦୀପର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଯଥା ଶ୍ରମିକମାନଙ୍କର ଦରମା ବୃଦ୍ଧି, ଟ୍ରାଫିକ ସମସ୍ୟା, ମତ୍ସ୍ୟଜୀବୀମାନଙ୍କୁ କଟକଣା ସମୟରେ ଭତ୍ତା, ପର୍ଯ୍ୟଟନ ବିକାଶ, ବସ୍ତି ଅଞ୍ଚଳରେ ଥିବା ପାନୀୟ ଜଳ, ସ୍ୱାସ୍ଥ୍ୟ ଓ ବିଦ୍ୟୁତ୍ ସଂଯୋଗ ସମସ୍ୟା ଉପରେ ଗୁରୁତ୍ୱାରୋପ କରିଥିଲେ। ଜଳ ସମସ୍ୟା ଦୂରୀକରଣ ପାଇଁ ଭୂତମୁଣ୍ଡାଇଠାରେ ଆନିକଟ କରି ଏହାର ସମାଧାନ କରିବା ପାଇଁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପାଖରେ ଦାବି ରଖିଥିଲେ। ଆଗାମୀ ନିର୍ବାଚନ ସମ୍ପର୍କରେ କହିଥିଲେ, ମୋର ଲଢ଼େଇ ପାଇଁ କୌଣସି ରାଜନୈତିକ ଦଳର ଆବଶ୍ୟକତା ନାହିଁ। ମୋ ସାଙ୍ଗରେ ଆପଣମାନେ ଅଛନ୍ତି। ବିଧାୟକ ହେବା ଅପେକ୍ଷା ମୁଁ ଲିଡର ହେବାକୁ ଲକ୍ଷ୍ୟ ରଖିଛି ବୋଲି କହିଥିଲେ।

ସୂଚନାଯୋଗ୍ୟ, ବାପି ୨୦୧୪ ଓ ୨୦୧୯ ସାଧାରଣ ନିର୍ବାଚନରେ ପାରାଦୀପରୁ କଂଗ୍ରେସର ବିଧାୟକ ପ୍ରାର୍ଥୀ ହୋଇ ପରାଜିତ ହୋଇଥିଲେ। ୨୦୨୦ ପରଠାରୁ ସେ କୌଣସି କାର୍ଯ୍ୟକ୍ରମରେ କଂଗ୍ରେସର ଦଳୀୟ ଚିହ୍ନ ବ୍ୟବହାର କରୁନାହାନ୍ତି। ୨୦୨୨ ପୌର ନିର୍ବାଚନରେ ସେ ପାରାଦୀପର ୧୯ ୱାର୍ଡରେ ସ୍ୱାଧୀନ ପ୍ରାର୍ଥୀ ଦେଇଥିଲେ। ସେଥିରୁ ୯ ଜଣ ବିଜୟୀ ହୋଇ କାଉନ୍‌ସିଲର ହୋଇଛନ୍ତି।

## ପ୍ରତିକୂଳ ପାଗ ସତ୍ତ୍ୱେ ବହୁସଂଖ୍ୟାରେ ଦେଖାଦେଲେ ଡଲ୍‌ଫିନ୍

ରାଜନଗର, ୨୧।୧(ଭାସ୍କର ରାଉତରାୟ)



- ଭିତରକନିକାରେ ଡଲ୍‌ଫିନ୍ ଗଣନା
- ଅଲିଭ୍ ରିଡ୍‌ଲେ କଇଁଛଙ୍କ ପରେ ଗହୀରମଥା ଡଲ୍‌ଫିନ୍‌ଙ୍କ ଅନ୍ତୁଡ଼ିଶାଳ

କେନ୍ଦ୍ରାପଡ଼ା ଜିଲା ଭିତରକନିକାର ସୌନ୍ଦର୍ଯ୍ୟଭରା ପ୍ରାକୃତିକ ବିଭବ ଏବେ ଦେଶ ବିଦେଶର ପର୍ଯ୍ୟଟକଙ୍କୁ ଆକର୍ଷିତ କରିବା ସହ ଆତ୍ମବିଭୋର କରିଦେଉଛି। ଏବେ ପର୍ଯ୍ୟଟନ ଋତୁ ଚାଲିଥିବାବେଳେ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟରେ ମାଳ ମାଳ ଅଲିଭ୍ ରିଡ୍‌ଲେ କଇଁଛଙ୍କ ପ୍ରଜନନ ପ୍ରକ୍ରିୟା ସାଙ୍ଗକୁ ବିଦେଶାଗତ ପକ୍ଷୀଙ୍କ ସମାଗମ ଭିତରକନିକା ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରୁଛି। ଏବେ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଓ ଭିତରକନିକା ଜାତୀୟ ଉଦ୍ୟାନରେ ପ୍ରବାହିତ ନଦୀର ମୁହାଣରେ ଡଲ୍‌ଫିନ୍‌ମାନଙ୍କ ଜଳକ୍ରୀଡ଼ା ପର୍ଯ୍ୟଟକମାନଙ୍କୁ ବେଶ୍ ଆକର୍ଷିତ କରିବାରେ ଲାଗିଛି। ରାଜନଗର ବନ ବିଭାଗ ପକ୍ଷରୁ ଡଲ୍‌ଫିନ୍ ଗଣନା ୨୦ରୁ ଆରମ୍ଭ ହୋଇ ସୋମବାର ପର୍ଯ୍ୟନ୍ତ ଚାଲିବ। ପାଗ ପ୍ରତିକୂଳ ସତ୍ତ୍ୱେ ଗଣନାକାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଧାମରା ମୁହାଣଠାରୁ ଦେବୀ ମୁହାଣ ଯାଏଁ ସମୁଦ୍ର ଓ ଭିତରକନିକା ମଧ୍ୟରେ ଥିବା କ୍ରିକ୍ ଏବଂ ନଦୀରେ ୯ଟି ଗଣନାକାରୀ ଟିମ୍ ଡଲ୍‌ଫିନ୍ ଗଣନା କରୁଛନ୍ତି।

ମିଳିଥିବା ସୂଚନା ମୁତାବକ, ଚିଞ୍ଚିରି ମୁହାଣଠାରୁ ଅଗରନାସୀ ମଧ୍ୟରେ ଗଣନାକାରୀ ଟିମ୍ ଇରାୱାଡି ଡଲ୍‌ଫିନ୍‌ଙ୍କ ୫ଟି ଗ୍ରୁପ୍‌କୁ ଦେଖିବାକୁ ପାଇଥିବା ବେଳେ ବାବୁବାଲିରୁ ଏକକୁଳା ମଧ୍ୟରେ ଗଣନାକାରୀ ଟିମ୍ ଗୋଟିଏ ଗ୍ରୁପ୍‌ରେ ଶତାଧିକ ଡଲ୍‌ଫିନ୍‌ଙ୍କୁ ଦେଖିଥିବା ସୂଚନା ମିଳିଛି। ଇରାୱାଡି ଡଲ୍‌ଫିନ୍ ସହ ହମ୍ପବ୍ୟାକ୍, ବଟଲନୋଜ୍, ସ୍ପିନର ପ୍ରଜାତିର ଡଲ୍‌ଫିନ୍ ଦେଖିବାକୁ ପାଇଛନ୍ତି। ୨ବର୍ଷ ଧରି ଡିସେମ୍ବରରେ ଡଲ୍‌ଫିନ୍‌ଙ୍କ ଗଣନା କରାଯାଇଛି। ପାଗ ଅନୁକୂଳ ଥିବାରୁ ଅଧିକ ସଂଖ୍ୟାରେ ଡଲ୍‌ଫିନ୍ ଦେଖିବାକୁ ମିଳିଥିଲା। ୨୦ ଓ ୨୧ ତାରିଖ ୨ଦିନ ପ୍ରତିକୂଳ କୋହଲା ପାଗ ସତ୍ତ୍ୱେ ଗଣନାବେଳେ ବହୁ ସଂଖ୍ୟାରେ ଡଲ୍‌ଫିନ୍ ସହ ଶାବକଙ୍କୁ ଦେଖିବାକୁ ମିଳିଥିବା ଗଣନାକାରୀ ଟିମ୍ ପକ୍ଷରୁ ସୂଚନା ମିଳିଛି। ଏହି ଖବର ଭିତରକନିକା ଓ ଗହୀରମଥା ପାଇଁ ନୂତନ ଅଧ୍ୟାୟ ସୃଷ୍ଟି କରିଛି। ସୂଚନାଯୋଗ୍ୟ, ପୂର୍ବରୁ କେବଳ ଚିଲିକାରେ ଡଲ୍‌ଫିନ୍ ଗଣନା କରାଯାଉଥିଲା। ରାଜ୍ୟ ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ନିଷ୍ପତ୍ତିକ୍ରମେ ୨୦୧୫ଠାରୁ ଭିତରକନିକା ଅଞ୍ଚଳରେ ଡଲ୍‌ଫିନ୍ ଗଣନା କରାଯାଉଛି। ଭିତରକନିକା ଅଞ୍ଚଳରେ ଡଲ୍‌ଫିନ୍ ଗଣନା ପାଇଁ ୯ଟି ଟିମ୍ ଗଠନ କରାଯାଇଛି। ଆଉଟର ହୁଇଲରରୁ ଚିଞ୍ଚିରି ମାଉଥ୍, ବରୁଣେଇରୁ ପାରାଦୀପ, ହଂସିଣା ବ୍ରିଜ୍‌ରୁ ମାଇପୁରା ମାଉଥ୍, ରାଜନଗର ହଂସୁଆ ନଦୀରୁ ଖୋଳା, ଖୋଳାରୁ ଧାମରା ମାଉଥ୍ ଭାୟା ନଳିତାପାଟିଆ, କାଳିଭଞ୍ଜଡିଆଁ, ଜମ୍ବୁ ଖରନାସୀରୁ ହୁକିଟୋଲା, ପାରାଦୀପରୁ ଜଟାଧାର ମୁହାଣ ଓ ଦେବୀ ମୁହାଣରୁ ଜଟାଧାର ମୁହାଣ ଯାଏଁ ୯ଟି ଗ୍ରୁପ୍ ଗଣନା କରୁଛନ୍ତି। ସମୁଦ୍ର ମଧ୍ୟରେ ୫ଟି ଟିମ୍ ଓ ନଦୀ, କ୍ରିକ୍‌ରେ ୪ଟି ଟିମ୍ ଡଲ୍‌ଫିନ୍‌ଙ୍କର ଗଣନା କରୁଛନ୍ତି। ପୂର୍ବବର୍ଷର ରିପୋର୍ଟ ଅନୁସାରେ ଭିତରକନିକା ସଂଲଗ୍ନ ନଦୀ, କ୍ରିକ୍ ଓ ସମୁଦ୍ରରେ ଇରାୱାଡି, ବଟଲ୍‌ନୋଜ୍, ହମ୍ପବ୍ୟାକ୍, ଫିନ୍‌ଲେସ୍ ପରିପଏସ୍ ଓ ଗାଙ୍ଗେଟିକ୍ ପ୍ରଭୃତି ୫ ପ୍ରଜାତିର ଡଲ୍‌ଫିନ୍ ଦେଖାଦେଇଥିଲେ। ଚିଲିକା ଅଞ୍ଚଳରେ କେବଳ ଇରାୱାଡି ପ୍ରଜାତିର ଡଲ୍‌ଫିନ୍ ଦେଖାଯାଆନ୍ତି। ଭିତରକନିକାରେ ୫ ପ୍ରକାର ଡଲ୍‌ଫିନ୍ ଦେଖାଯାଉଛନ୍ତି। ଗତବର୍ଷ ଗଣନା ସମୟରେ ସାରା ଓଡ଼ିଶାରେ ୭୩୩ଟି ଡଲ୍‌ଫିନ୍ ଚିହ୍ନଟ ହୋଇଥିବା ବେଳେ ସେଥିମଧ୍ୟରୁ ଗହୀରମଥା ଓ ଭିତରକନିକାରେ ୫୫୦ଟି ଚିହ୍ନଟ ହୋଇଥିଲା। ନବେ ଦଶକରୁ ଗହୀରମଥା, ଭିତରକନିକା ବଉଳା କୁମ୍ଭୀର ଏବଂ ଅଲିଭ୍ ରିଡ୍‌ଲେ କଇଁଛଙ୍କ ଅନ୍ତୁଡ଼ିଶାଳ ଭାବେ ପରିଚିତ ଥିବାବେଳେ ଏବେ ଡଲ୍‌ଫିନ୍‌ମାନଙ୍କ ସର୍ବାଧିକ ସମାଗମ ପୁଣି ପର୍ଯ୍ୟଟନ ମାନଚିତ୍ରରେ ଭିତରକନିକା ଗହୀରମଥା ଆଉ ପାଦେ ଆଗକୁ ଯିବା ସହିତ ଡଲ୍‌ଫିନ୍‌ଙ୍କ ଅନ୍ତୁଡ଼ିଶାଳ ହେବାକୁ ଯାଉଛି।

# ଆଜି ଫଂତେଗଡ଼ ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ଉତ୍ସବ


ସମ୍ମିଳନୀରେ ଯୋଗଦେଇଥିବା ସାଧୁସନ୍ଥମାନେ।

## ସାଧୁ ସନ୍ଥ ସମ୍ମିଳନୀରେ ଶ୍ରୀରାମ ଓ ଶ୍ରୀକୃଷ୍ଣଙ୍କ ଜନ୍ମ ବୃତ୍ତାନ୍ତ

ନୟାଗଡ଼/ଭାପୁର,୨୧ା୧ (ଲୋକନାଥ ମିଶ୍ର/ଭରତ କୁମାର ବେହେରା)

ନୟାଗଡ଼ ଜିଲା ଭାପୁର ବ୍ଲକ ଫଂତେଗଡ଼ ଗିରି ଗୋବର୍ଦ୍ଧନ ପାହାଡ଼ରେ ଶ୍ରୀରାମ ମନ୍ଦିରର ପ୍ରତିଷ୍ଠା ଉତ୍ସବ ସହିତ ଶ୍ରୀରାମଙ୍କ ପ୍ରାଣ ପ୍ରତିଷ୍ଠା ସୋମବାର ହେବ। ଏହି ଅବସରରେ ଶ୍ରୀରାମ ମନ୍ଦିରର ରବିବାର ମଧ୍ୟାହ୍ନରେ ସାଧୁସନ୍ଥ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଶ୍ରୀମଦ୍ ଜଗଦଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ମହାରାଜଙ୍କ ପ୍ରତିନିଧି ଶ୍ରୀମଦ୍ ହୃଷୀକେଶ ମହାରାଜାଙ୍କ ତତ୍ତ୍ୱାବଧାନରେ ଖଣ୍ଡପଡ଼ା, ପୁରୀ, ଅନୁଗୋଳ, ରଣପୁର, ବାଙ୍କୀ, ଟାଙ୍ଗୀ ଅଞ୍ଚଳରୁ ଅଧିକାଂଶ ସାଧୁସନ୍ଥ ଯୋଗ ଦେଇଥିଲେ। ଶ୍ରୀରାମ ଓ ଶ୍ରୀକୃଷ୍ଣଙ୍କ ଜନ୍ମ ବୃତ୍ତାନ୍ତ ଆଲୋଚନାର ସ୍ଥାନ ପାଇଥିଲା। ସାଧୁମାନେ ପ୍ରଥମେ ଫଂତେଗଡ଼ଠାରେ ଥିବା ଗୋପାଳ ଜୀଉ ମଠରେ ପହଞ୍ଚିବା ପରେ ସେମାନଙ୍କୁ ସଂକୀର୍ତ୍ତନ ଦଳ ଦ୍ୱାରା ସ୍ୱାଗତ କରାଯାଉଥିଲା। ସମସ୍ତଙ୍କୁ ଗୋପାଳ ଜୀଉ ମଠର ମହନ୍ତ ନିତ୍ୟାନନ୍ଦ ଦାସ ମହାରାଜ ସ୍ୱାଗତ କରି ଶ୍ରୀରାମ ମନ୍ଦିର ପରିସରକୁ ନେଇଥିଲେ। ସେଠାରେ ଶତାଧିକ ସାଧୁ ଯୋଗଦେଇ ଶ୍ରୀରାମଙ୍କୁ ଆଧାର କରି ସତ୍ୟ ସନାତନ ହିନ୍ଦୁ ଧର୍ମ ଉପରେ ଆଲୋଚନା କରିଥିଲେ। ଏହି ସାଧୁ ସମ୍ମିଳନୀରେ ଫଂତେଗଡ଼ରୁ ନିତ୍ୟାନନ୍ଦ ଦାସ ମହାରାଜ, ଖଣ୍ଡପଡ଼ାରୁ ମହନ୍ତ ପ୍ରବାସ ଦାସ, ନୟାଗଡ଼ରୁ ମହନ୍ତ ପର୍ଶୁରାମ ଦାସ, ରଣପୁରରୁ ମହନ୍ତ ରାମଚରଣ ଦାସ ମହାରାଜ, ବାଙ୍କୀରୁ ମଧୁସୂଦନ ଦାସ ମହାରାଜ, ଟାଙ୍ଗୀରୁ ବିଶ୍ୱମ୍ଭର ଦାସ ମହାରାଜ ଇତ୍ୟାଦି ଯୋଗ ଦେବା ସହ ପୁରୀ, ଅନୁଗୋଳ ଜିଲାରୁ ମଧ୍ୟ ସାଧୁ ସନ୍ଥ ଯୋଗ ଦେଇ ଶ୍ରୀରାମ ଓ ଧର୍ମ ବିଷୟରେ ଆଲୋକପାତ କରିଥିଲେ। ସୋମବାର ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହେବ । ଏଥିରେ ଶ୍ରୀମଦ ଜଗଦଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ୨୭ ତାରିଖରେ ଆସିବେ ବୋଲି ସୂଚନା ମିଳିଛି।

# ସରସ୍ୱତୀ ଶିଶୁ ମନ୍ଦିରରେ ପ୍ରଶ୍ନ ମଞ୍ଚ ପରୀକ୍ଷା

ଖଣ୍ଡପଡ଼ା,୨୧ା୧(ଅଜୟ କୁମାର ମହାରଣା)

ଭାରତୀୟ ଶିକ୍ଷା ବିକାଶ ସଂସ୍ଥାନ ଭୁବନେଶ୍ୱର ଆନୁକୂଲ୍ୟରେ ନୟାଗଡ଼ ଜିଲାସ୍ତରୀୟ ପ୍ରଶ୍ନମଞ୍ଚ ପ୍ରତିଯୋଗୀତା ରବିବାର ଖଣ୍ଡପଡ଼ା ବ୍ଲକ୍ ଅଧୀନ କଣ୍ଟିଲୋ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ନୀଳମାଧବ ବିହାରରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ପ୍ରତିଯୋଗୀତାରେ ନୟାଗଡ଼ ଜିଲା କଣ୍ଟିଲୋ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ବାଲ ବିଭାଗ ଓ ଶିଶୁ ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ପାଣିପୋଇଲା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଉଭୟ ବିଭାଗରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ଉପ ଶିଶୁ ବିଭାଗରେ ପାଣିପୋଇଲା ଶିକ୍ଷାନୁଷ୍ଠାନ ପ୍ରଥମ ସ୍ଥାନ, କଣ୍ଟିଲୋ ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ପରେ ବିଜେତାମାନଙ୍କୁ ଟ୍ରଫି ପ୍ରଦାନ କରାଯାଇ ପୁରସ୍କୃତ କରାଯାଇଥିଲା। ଆୟୋଜିତ କାର୍ଯ୍ୟକ୍ରମକୁ ଗୁରୁଜୀ ମନୋଜ କୁମାର ମହାପାତ୍ର, ପ୍ରମୋଦ କୁମାର ସାହୁ, ସୁଶାନ୍ତ କୁମାର ମହାରଣା ଓ ଗୁରୁମା ମମତା ମଞ୍ଜରୀ ସାହୁ ପ୍ରଶ୍ନ ମଞ୍ଚ ପରିଚାଳକ ମନୋରଞ୍ଜନ ପଣ୍ଡାଙ୍କ ଉପସ୍ଥିତିରେ ପରିଚାଳନା କରିଥିଲେ ।

# ଭାଷା, ସାହିତ୍ୟ,ସୃଜନଶୀଳତା ମେଳା

ନୟାଗଡ଼,୨୧ା୧(ଲୋକନାଥ ମିଶ୍ର)

ନୟାଗଡ଼ ସହର ଉପକଣ୍ଠ ସିନ୍ଦୁରିଆ ସରକାରୀ ଉଚ୍ଚ ବିଦ୍ୟାଳୟରେ ଭାଷା, ସାହିତ୍ୟ ଓ ସୃଜନଶୀଳତା ମେଳା ଅନୁଷ୍ଠିତ ହୋଇଯାଇଛି । ବିଶିଷ୍ଟ ଶିଶୁ ସାହିତ୍ୟ ସାଧିକା ତଥା ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଲେଖିକା ବସିରନ ବିବି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଓଡ଼ଗାଁ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ପ୍ରାଧ୍ୟାପକ ଉମର ମଲ୍ଲିକ ଯୋଗଦେଇଥିଲେ । ସାହିତ୍ୟ ସୃଜନୀ କ୍ଲବରେ କବିତା ଦାସ, କୌଶଳି କ୍ଲବରେ ସ୍ୱିଟି ଲେଙ୍କା, ଜିଜ୍ଞାସା କ୍ଲବରେ ସୁମନ କୁମାର ସାହୁ ଓ କ୍ରୀଡ଼ାଙ୍ଗନା କ୍ଲବରେ ଶିବୁ ଦଳେଇ ଏବଂ ବ୍ୟକ୍ତିଗତ ପ୍ରଦର୍ଶନରେ ସାହିତ୍ୟ ସୃଜନୀର ବିଜେତା କବିତା ଦାସ ପୁନଃ କୃତିତ୍ୱ ହାସଲ କରିଥିଲେ । ଏହି ପ୍ରମୁଖ କ୍ଲବଗୁଡ଼ିକର ଗାଇଡ ଶିକ୍ଷୟିତ୍ରୀ ଭାବେ ଯଥାକ୍ରମେ ଲକ୍ଷ୍ମୀପ୍ରିୟା ନାୟକ, ଜ୍ୟୋତିର୍ମୟୀ ରାଉତ, ମିତାଞ୍ଜଳୀ ସାହୁ ଓ ସପ୍ନା ରାଣୀ ନନ୍ଦ କାର୍ଯ୍ୟଭାର ତୁଲାଇଥିଲେ । ବିଦ୍ୟାଳୟର ଅନ୍ୟ ସବୁ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ । ଉଭୟ ଶ୍ରେଣୀରେ ପାଠ ପଢୁଥିବା ସମସ୍ତ ଛାତ୍ରୀଛାତ୍ରଙ୍କ ଅଭିଭାବକ ଯୋଗ ଦେଇଥିବା ବେଳେ ମୋ ସ୍କୁଲ ଆଲୁମ୍ନି କମିଟି ସଦସ୍ୟ ସନ୍ତୋଷ ସାହୁ, ଫକୀର ପରିଡ଼ା, ନାରାୟଣ ସାହୁ, ଉମର୍ ମଲ୍ଲିକ, ଶେଖ ମଜହର୍, ସରୋଜ ପଟ୍ଟନାୟକ ଓ ଶେଖ ଅବଦୁଲ ରହିମ ପ୍ରମୁଖ ଯୋଗଦେଇଥିବା ବେଳେ ଅସୁସ୍ଥତାବଶତଃ ଆଲୁମନି ସଭାପତି ଭଗବାନ ଜେନା ଯୋଗଦେଇ ପାରି ନ ଥିଲେ । ଶେଷରେ କୃତୀ ପ୍ରତିଯୋଗୀଙ୍କୁ ପ୍ରମାଣ ପତ୍ର ଓ ଟ୍ରଫି ପ୍ରଦାନ ସହିତ ଆଲୁମ୍ନି କମିଟି ସଦସ୍ୟମାନଙ୍କୁ ମୁଖ୍ୟଅତିଥି ଫଳକ ଦେଇ ସମ୍ବର୍ଦ୍ଧିତ କରିଥିଲେ । ସୃଜନୀ ସଭାରେ ପ୍ରଧାନ ଶିକ୍ଷୟିତ୍ରୀ ଝୁମୁରୀ ସାହୁ ସଭାପତିତ୍ୱ କରିଥିବା ବେଳେ ସହକାରୀ ଶିକ୍ଷକ ଶେଖ ଅବଦୁଲ ଖାଲିକ ସଂଯୋଜନା କରିଥିଲେ । ସହକାରୀ ଶିକ୍ଷକ ସଲିମ ଇବ୍ରାହିମ ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରକାଶ ଥାଉକି ନବମ ଓ ଦଶମ ଶ୍ରେଣୀରେ ଅଧ୍ୟୟନ କରୁଥିବା ଛାତ୍ରୀଛାତ୍ରଙ୍କ ବୌଦ୍ଧିକ କଳା କୌଶଳ ବଢାଇବା ପାଇଁ ଭାଷା, ସାହିତ୍ୟ ଓ ସୃଜନଶୀଳତା ମେଳା ଆୟୋଜନ ହୋଇଥିଲା।


ଜଣେ କୃତୀ ଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଉଛି।

# ନୂଆଦିଲ୍ଲୀ ଟିମ୍ ଚାମ୍ପିୟନ

## ଦଶପଲ୍ଲା କପ୍ ଫୁଟବଲ

ଦଶପଲ୍ଲା୨୧ା୧(ପ୍ରକାଶ କୁମାର ପାଣି)

ସ୍ୱୋର୍ଟିଭ ସ୍ୱୋର୍ଟ୍ସ ସୋସାଇଟି ଆନୁକୂଲ୍ୟରେ ସର୍ବଭାରତୀୟ ଦଶପଲ୍ଲା କପ୍ ଫୁଟବଲର ଫାଇନାଲ ମ୍ୟାଚ୍ ଏମଜେବି ୟୁନାଇଟେଡ଼, ସରୋଜିନୀ ନଗର, ନୂଆଦିଲ୍ଲୀ ଏବଂ ଶୋଧପୁର କ୍ଲବ,କୋଲକାତାମଧ୍ୟରେ ଅନୁଷ୍ଠିତ ହୋଇଥିଲା । ନୂଆଦିଲ୍ଲୀ ୩ଟି ଗୋଲ ଦେଇଥିବା ବେଳେ କଲିକତା ଦଳ ବହୁ ଚେଷ୍ଟା କରିଥିଲେ ମଧ୍ୟ କୌଣସି ଗୋଲ ପରିଶୋଧ କରି ପାରି ନ ଥିଲେ । ୩–୦ ଗୋଲରେ ଏମଜେବି ୟୁନାଇଟେଡ଼ ବିଜୟୀ ହୋଇ ଚାମ୍ପିୟନ ହୋଇଛି । ଖେଳ ପରିଚାଳନା କରିଥିଲେ ଶ୍ୟାମସୁନ୍ଦର ସାହା, ଲାଇନ୍ସରେ , ରବିନ୍ଦ୍ରନାଥ ନାୟକ, ପ୍ରସନ୍ନ କୁମାର ନାୟକ ଓ ଫୋର୍ଥ ଅଫିସିଆଲ ରେଫରୀ ଭାବେ ଶୈଳେନ୍ଦ୍ର ମହାକୁଡ଼ ଓ ଅଶୋକ କୁମାର ପ୍ରଧାନ ସହଯୋଗ କରୁଥିଲେ । ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ନୟାଗଡ଼ ବିଧାୟକ ଡ.ଅରୁଣ କୁମାର ସାହୁ, ଖୁନ୍ଦାଗଡ଼ ବିଧାୟକ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର, କନ୍ଧମାଳ ଏମ୍‌ପି ଡ.ଅଚ୍ୟୁତ ସାମନ୍ତ ଓ ସିନେ ତାରକା ପ୍ରିୟା ଓ ସମ୍ପିତ ଯୋଗଦାନ କରିଥିଲେ । ଅନୁଷ୍ଠାନର ସଭାପତି କୁଞ୍ଜବିହାରୀ ମିଶ୍ର ସ୍ୱାଗତ ଭାଷଣ ଦେଇଥିବାବେଳେ ଅବସରପ୍ରାପ୍ତ ଖେଳ ଶିକ୍ଷକ ତ୍ରିନାଥ ସାହୁ ସଂଯୋଜନା କରିଥିଲେ । ଅନୁଷ୍ଠାନର ସମ୍ପାଦକ ଭବାନୀ ପ୍ରସାଦ ମିଶ୍ର ଧନ୍ୟବାଦ ଦେଇଥିଲେ । ଅତିଥିମାନେ ନୂଆଦିଲ୍ଲୀ ଦଳକୁ ଚମ୍ପିୟାନ ଦଶପଲ୍ଲା କପ ଏବଂ କଲିକତା ଦଳକୁ ରନର୍ସ କପ ପ୍ରଦାନ କରାଯାଇଥିଲା । ଏଥିସହ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଖେଳାଳି, ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା ।


ଖେଳାଳିମାନଙ୍କୁ ଅତିଥି ଚାମ୍ପିୟନ ଟ୍ରଫି ପ୍ରଦାନ କରୁଛନ୍ତି ।

# ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ପାଇଁ ନିଜକୁ ପ୍ରସ୍ତୁତ କର


ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ ।

## ବିଶ୍ୱକର୍ମା ଭବନ ଉଦ୍‌ଘାଟିତ

ନୂଆଗାଁ,୨୧ା୧ (ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ନୂଆଗାଁ ସଦରରେ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ବିଶ୍ୱକର୍ମା ଭବନର ଉଦ୍‌ଘାଟନୀ ଉତ୍ସବ ଓ ସମ୍ମାନ ପ୍ରଦାନ ସମାରୋହ ରବିବାର ଅନୁଷ୍ଠିତ ହୋଇ ଯାଇଛି । ଆମ୍ବଝରି ଗ୍ରାମ ନିକଟରେ ନୂତନ ଭାବେ ନିର୍ମାଣ କରାଯାଇଥିବା ବିଶ୍ୱକର୍ମା ଭବନକୁ ଉଦଘାଟନ କରାଯାଇଛି । ଏହି ଉତ୍ସବ ପୂର୍ବରୁ ରବିବାର ସକାଳ ୬ଟାରେ ଜିଲା ତଥା ଜିଲା ବାହାରୁ ଆସିଥିବା ବ୍ରହ୍ମାକୁମାରୀ ଓ ଆଧ୍ୟାତ୍ମିକ ବ୍ୟକ୍ତିମାନଙ୍କ ଦ୍ୱାରା ଯୋଗ କରାଯାଇଥିଲା । ସକାଳ ୭ ଘଟିକାରୁ ୮ ଘଟିକା ପର୍ଯ୍ୟନ୍ତ ଏକ ଘଣ୍ଟା ଧରି ମହାବାକ୍ୟ ଶ୍ରବଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହାପରେ ଶତାଧିକ ବ୍ରହ୍ମାକୁମାରୀ ଓ ଶ୍ରଦ୍ଧାଳୁ ନୂଆଗାଁ ମେଡିକାଲ ଛକରୁ ବାହାରି ବଜାର ଦେଇ ବ୍ଲକ ଛକ ପର୍ଯ୍ୟନ୍ତ ଶାନ୍ତି କଳସ ଶୋଭାଯାତ୍ରାରେ ଯାଇଥିଲେ । ଶୋଭାଯାତ୍ରାରୁ ଫେରି ବିଶ୍ୱକର୍ମା ଭବନରେ ପହଞ୍ଚି ଥିଲେ । ସେଠାରେ ବ୍ରହ୍ମାକୁମାରୀ ଦିଲ୍ଲୀ ଓଆରସି ନିର୍ଦ୍ଦେଶକ ତଥା ବକ୍ତା ରାଜଯୋଗିନୀ ବ୍ରହ୍ମାକୁମାରୀ ଆଶା ଦିଦିଙ୍କ ଦ୍ୱାରା ବିଶ୍ୱକର୍ମା ଭବନର ଶୁଭ ଉଦଘାଟନ କରାଯାଇଥିଲା । ପରେ ନୂଆଗାଁ ସ୍କୁଲ ପଡିଆରେ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱମହାବିଦ୍ୟାଳୟ ଦ୍ୱାରା ସମ୍ମାନ ସମାରୋହ ଉତ୍ସବ ପାଳିତ ହୋଇଥିଲା।

ଏହି କାର୍ଯ୍ୟକ୍ରମର ଉଦ୍‌ଘାଟକ ତଥା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଦିଲ୍ଲୀ ଓଆରସିର ନିର୍ଦ୍ଦେଶକ ଦିଦୀଜୀ ଶ୍ରଦ୍ଧାଳୁଙ୍କ ହୃଦୟକୁ ଛୁଇଁଲା ଭଳି ଅନେକ ଉପାଦେୟ ଉପଦେଶ ଦେଇଥିଲେ । ସବୁବେଳେ ନିଜେ ପହଞ୍ଚିବାର ସ୍ଥାନ ଠିକ୍ କର ଓ ସେହି ସ୍ଥାନରେ ପହଞ୍ଚିବା ପାଇଁ ନିଜକୁ ପ୍ରସ୍ତୁତ କର ବୋଲି କହିଥିଲେ । କେବେ ନିଜକୁ ଦୁର୍ବଳ ମନେ ନ କରି ନିଜ ଭିତରେ ଥିବା ଅନ୍ତର୍ନିହିତ ଦିବ୍ୟରୂପର ବିକାଶ କର । ଯଦି ଦୁର୍ବଳ ମନେକରିବ ତେବେ ଦୁର୍ବଳତା ବଢି ଯିବ ଓ ଦୁଃଖ ଆଣିବ । ସବୁବେଳେ ଦାନ ଓ ପୁଣ୍ୟ କରିବାର ଉପଦେଶ ଦେବାକୁ ଯାଇ ଯାହା ନିଜ ପାଖରେ ଅଛି ତାହା ଅନ୍ୟକୁ ଦେବା ହେଉଛି ଦାନ ଓ ଅନ୍ୟର ଦୁଃଖ ଦୂର କରିବାକୁ ଯାଇ ଯାହା ଦିଆଯାଏ ତାହା ପୁଣ୍ୟ ବୋଲି କହିଥିଲେ। ଏହି ଅବସରରେ ନୟାଗଡ ସିଭିଲ ସୋସାଇଟି ଓ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଅତିଥିମାନଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଭୁବନେଶ୍ୱର ସବ୍‌ଜୋନ୍ ଇନ୍‌ଚାର୍ଜ ବ୍ରହ୍ମାକୁମାରୀ ଲୀଳା ଦିଦୀଜୀ, ନୟାଗଡ଼ ମୁଖ୍ୟ ସେବାକେନ୍ଦ୍ର ମୁଖ୍ୟ ସଞ୍ଚାଳିକା ମିନୀ ଦିଦୀଜୀ, ଅବସରପ୍ରାପ୍ତ ଏସ୍‌ଡିଓ ଭଗବାନ ସାହୁ, ନୟାଗଡ଼ ସିଭିଲ ସୋସାଇଟିର ପ୍ରତିଷ୍ଠା ସଦସ୍ୟ ଗୋଦାବରୀ ସାହୁ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଦଶପଲ୍ଲା ଫରିସ୍ତା ଭବନର ମୁଖ୍ୟ ସଞ୍ଚାଳିକା ବ୍ରହ୍ମାକୁମାରୀ କୁନୀ ଭଉଣୀ ଓ ଜୟନ୍ତୀ ଭଉଣୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଜଟଣୀ ୨–୧ ଗୋଲରେ ବିଜୟୀ

## ଗୋଡ଼ିପଡ଼ା ସର୍ବଭାରତୀୟ ଫୁଟବଲ

ନୟାଗଡ଼,୨୧ା୧(ଲୋକନାଥ ମିଶ୍ର)

ଆଞ୍ଚଳିକ ଆଥ୍‌ଲେଟିକ ଆସୋସିଏଶନ ପକ୍ଷରୁ ନୟାଗଡ଼ ଜିଲା ଗୋଡ଼ିପଡ଼ା ସର୍ଦ୍ଦାର ପଟେଲ ବିଦ୍ୟାପୀଠ ଖେଳ ପଡିଆରେ ସର୍ବଭାରତୀୟ ଫୁଟବଲ ଟୁର୍ନାମେଣ୍ଟ ଚାଲୁ ରହିଛି । ରବିବାର ୨ୟ ଲିଗ୍‌ର ପ୍ରଥମ ମ୍ୟାଚ୍‌ରେ ଫ୍ରେଣ୍ଡସ ପାରାଡାଇଜ କ୍ଲବ ଜଟଣୀ ୨–୧ ଗୋଲରେ ଗେହ୍ଲାମା ସ୍ପୋର୍ଟସ୍ କ୍ଲବ ବୌଦ୍ଧକୁ ପରାସ୍ତ କର ବିଜୟୀ ହୋଇଛି । ପ୍ରଥମାର୍ଦ୍ଧ ଖେଳର ୨୦ ମିନିଟରେ ଫ୍ରେଣ୍ଡସ ପାରାଡାଇଜ କ୍ଲବର ଖେଳାଳୀ କାହ୍ନା ଗୋଲ ସ୍କୋର କରି ଦଳକୁ ଅଗ୍ରଣୀ କରିଥିଲେ । ପୁଣି ୨ୟାର୍ଦ୍ଧର ୧୫ ତମ ମିନିଟରେ ଜଟଣୀ ଦଳର ଖେଳାଳୀ ସୁବାସ ସିଂ ଅନୁରୂପ ଭାବେ ଗୋଲ ସ୍କୋର କରିଥିଲେ । ଜବାବରେ ଗେହ୍ଲାମା ସ୍ପୋଟସ୍ କ୍ଲବର ଖେଳାଳୀ ସମୀର ପ୍ରଧାନ ଗୋଲ ସ୍କୋର କରିଥିଲେ । ତେବେ ଖେଳକୁ ସମାନ ସ୍ଥିତିକୁ ଆଣି ପାରି ନ ଥିଲେ । ବିଶ୍ୱୟ ସତ୍ୟ ସୁନ୍ଦର ଖେଳ ପରିଚାଳନା କରିଥିବାବେଳେ ପ୍ରତାପ ମୁଦୁଲି, ଭଗବାନ ବେହେରା, ପ୍ରିୟ ରଞ୍ଜନ ସାମନ୍ତ ସିଂହାର ସହଯୋଗ କରିଥିଲେ । ମୁଖ୍ୟଅତିଥି ଭାବେ ଗୋଡିସାହି ପଞ୍ଚାୟତ ସରପଞ୍ଚ ଦୀପ୍ତି ରଞ୍ଜନ ପରିଡା, ସମ୍ମାନିତ ଅତିଥି ଶରଣକୁଳ ପଞ୍ଚାୟତ ସରପଞ୍ଚ ମିନାକ୍ଷୀ ପ୍ରସାଦ ସାହୁ, ସୋଲପଟା ପଞ୍ଚାୟତର ପୂର୍ବତନ ସରପଞ୍ଚ ସୁଶାନ୍ତ କୁମାର ଜେନା, ଗମ୍ଭାରି ସମବାୟ ସମିତି ସଭାପତି ପ୍ରତାପ କୁମାର ମହାନ୍ତି ଯୋଗ ଦେଇଥିଲେ । ସୋମବାର ଖେଳ ସାନ କ୍ଲବ ଭୁବନେଶ୍ୱର ସହ ଆୟୋଜକ ଆଞ୍ଚଳିକ ଆଥ୍‌ଲେଟିକ ଆସୋସିଏଶନ ସହ ମୁକାବିଲା ହେବ ବୋଲି ସଂଘର ସଭାପତି ଚିତ୍ତ ରଞ୍ଜନ ପଟ୍ଟନାୟକ ସୂଚନା ଦେଇଛନ୍ତି।


ଖେଳର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

# ନୀଳମାଧବଙ୍କ ଗୁମୁଟରେ ମାଙ୍କଡ, ବିଳମ୍ବରେ ନୀତି ଆରମ୍ଭ

ଖଣ୍ଡପଡ଼ା,୨୧ା୧(ଅଜୟ କୁମାର ମହାରଣା)

ରବିବାର ସକାଳୁ ଗୋଟିଏ ହନୁମାଙ୍କଡ କଣ୍ଟିଲୋ ଶ୍ରୀନୀଳମାଧବଙ୍କ ମନ୍ଦିରକୁ ପ୍ରବେଶ କରି ଠାକୁରଙ୍କ ନିକଟରେ ବହୁ ସମୟ ଧରି ବସି ରହିଥିଲା । ଠାକୁରଙ୍କ ସକାଳ ନୀତି ପାଇଁ ସେବାୟତମାନେ ପହଞ୍ଚିବା ସମୟରେ ଉକ୍ତ ମାଙ୍କଡକୁ ଦେଖି ଘଉଡାଇବାକୁ ପ୍ରୟାସ କରିଥିଲେ। ମାତ୍ର ମାଙ୍କଡଟି ଭୟରେ ଠାକୁରଙ୍କ ଗମ୍ଭୀରାରେ ଥିବା ଗୁମୁଟ ଭିତରେ ଲୁଚି ଯାଇଥିଲ। ଫଳରେ ଠାକୁରଙ୍କ ନୀତିକାନ୍ତି ଶେଷ କରିବାରେ ବାଧା ସୃଷ୍ଟି ହୋଇଥିଲା । ସୋମବାର ଅଯୋଦ୍ଧାରେ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଏବଂ ନିକଟସ୍ଥ ଫଂତେଗଡ



ଠାରେ ଶ୍ରୀରାମଙ୍କ ନବ ନିର୍ମିତ ମନ୍ଦିର ପ୍ରତିଷ୍ଠା ପାଇଁ ଭବ୍ୟ ଆୟୋଜନ ଚାଲିଛି । ଶନିବାର ସକାଳେ ଦଳ ଦଳ ହୋଇ ମାଙ୍କଡ ମନ୍ଦିର ମଧ୍ୟକୁ ପ୍ରବେଶ କରିବାକୁ ଉଦ୍ୟମ କରିଥିଲେ । ମାତ୍ର ଦର୍ଶନାର୍ଥୀଙ୍କ ଗହଳି ଯୋଗୁ ମନ୍ଦିରକୁ ପ୍ରବେଶ କରିବା ସମ୍ଭବ ହୋଇ ନ ଥିଲା । ରବିବାର ସକାଳୁ ଗୋଟିଏ ହନୁ ମାଙ୍କଡ ଶ୍ରୀଜୀଉଙ୍କ ଆସ୍ଥାନ ପାଖରେ ବସି ରହିଥିଲା । ବହୁ ଚେଷ୍ଟା ପରେ ମାଙ୍କଡଟି ବାହାରକୁ ମଧ୍ୟାହ୍ନ ସୁଦ୍ଧା ବାହାରି ନ ଥିଲା । ପରେ ଖଣ୍ଡପଡ଼ା ବନ ବିଭାଗ କର୍ମଚାରୀ ମାଙ୍କଡ଼କୁ ଉଦ୍ଧାର କରିବାକୁ ସଫଳ ହୋଇଥିଲେ । ପରେ ମାଙ୍କଡଟି ନୀଳଚକ୍ର ନିକଟରେ ବସି ରହିଥିଲା । ଏଥିପାଇଁ ଅପରାହ୍ନ ପ୍ରାୟ ସାଢେ ଗୋଟାଏରେ ଠାକୁରଙ୍କୁ ମାଘସ୍ନାନ କରାଯାଇ ମଇଲମ, ତଡପ ଲାଗି, ବେଶ, ସିଂହଦ୍ୱାରଫିଟା ନୀତି, ସୂର୍ଯ୍ୟ ପୂଜା, ଗରୁଡ଼, ଭୈରବ ପୂଜା ସମ୍ପନ୍ନ ପରେ ବଲ୍ଲଭ ନୀତି ଶେଷ ହୋଇଥିଲା ।

# ବଉଳସାହି ମହାବିଦ୍ୟାଳୟରେ ଭାଷା ସମ୍ମିଳନୀ

ନୟାଗଡ଼,୨୧ା୧(ଲୋକନାଥ ମିଶ୍ର)

ନୟାଗଡ଼ ବ୍ଲକ ବଉଳସାହିର ପିଣ୍ଡିକେଶ ଆଞ୍ଚଳିକ ସ୍ନାତକ ମହାବିଦ୍ୟାଳୟରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଓ ସମନ୍ୱିତ ପରିକ୍ରମା ପ୍ରକଳ୍ପ କାର୍ଯ୍ୟକ୍ରମର ୨ୟ ଓ ତୃତୀୟ ଦିବସର ଓଡ଼ିଆ ପ୍ରବନ୍ଧ ଲିଖନ, ବକ୍ତୃତା ପ୍ରତିଯୋଗିତା, ହସ୍ତାକ୍ଷର ଲିଖନ, ଲୋକନୃତ୍ୟ, ଶ୍ରୀଜଗନ୍ନାଥ ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା। କାର୍ଯ୍ୟକ୍ରମର ସଂଯୋଜିକା ନିର୍ମଳା ସାମଲ, ମହାବିଦ୍ୟାଳୟ ଅଧ୍ୟକ୍ଷ ଚିତ୍ତରଞ୍ଜନ ଶତପଥୀ ପ୍ରମୁଖ ଯୋଗ ଦେଇଥିଲେ।

# ଶ୍ରୀରାମ ତାରକ ଯଜ୍ଞାହୁତି ସମୟରେ ବର୍ଷା

ଓଡ଼ଗାଁ,୨୧ା୧ (ଆଦର୍ଶ କୁମାର ପଟ୍ଟନାୟକ)

ଅଯୋଧାରେ ଶ୍ରୀରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଓ ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ ଓଡ଼ଗାଁରେ ୩ ଦିନ ବ୍ୟାପୀ ଶ୍ରୀରାମ ତାରକ ମହାଯଜ୍ଞ ଆରମ୍ଭ ହୋଇଛି। ଶ୍ରୀରାମ ସେବା ସମିତି ଆନୁକୂଲ୍ୟରେ ଆୟୋଜିତ ମହାଯଜ୍ଞର ରବିବାର ୨ୟ ଦିବସରେ ଯଜ୍ଞାହୁତି ପ୍ରଦାନ କରାଯାଇଛି । ସନ୍ଧ୍ୟା ୭ଟାରେ ଆହୁତି ପ୍ରଦାନ କରିଥିଲେ । ବେଦଜ୍ଞ ପଣ୍ଡିତ ମାନେ ଯଜ୍ଞସ୍ଥଳ ପ୍ରଦୀକ୍ଷଣ ପୂର୍ବକ ପୁଷ୍ପାଞ୍ଜଳି ପ୍ରଦାନ କରିଥିଲେ । ଏହକୁ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଦର୍ଶନ



କରୁଥିବା ବେଳେ ହଠାତ ଇନ୍ଦ୍ର ଦେବତାଙ୍କ କୃପାରୁ ୧୫ମିନିଟ ମୁଷଳ ଧାରାରେ ବର୍ଷା ହୋଇଥିଲା । ହରିବୋଲ, ହୁଳହୁଳି ଓ ଜୟ ଶ୍ରୀରାମ ଧ୍ୱନୀରେ ଯଜ୍ଞ ମଣ୍ଡପ ଫାଟି ପଡିଥିଲା । ସୋମବାର ପୂର୍ଣ୍ଣାହୁତି ସହିତ ଅପରାହ୍ନରୁ ବହୁ ଶ୍ରଦ୍ଧାଳୁଙ୍କ ନିମନ୍ତେ ପ୍ରସାଦ ବିତରଣ ବ୍ୟବସ୍ଥା କରାଯାଇଥିବା ଆୟୋଜକ ସନ୍ତୋଷ କୁମାର ପ୍ରଧାନ, ଟୁକୁନା ସାମନ୍ତରା, ସୁଶାନ୍ତ ସାହୁ ସୂଚନା ଦେଇଛନ୍ତି। ମନ୍ଦିର ପରିଛା ହରିବନ୍ଧୁ ଷଡ଼ଙ୍ଗୀ, ହେମନ୍ତ କୁମାର ହୋତା, ଶାନ୍ତନୁ ଆଚାର୍ଯ୍ୟ ଯଜ୍ଞାଦି ପୂଜା କାର୍ଯ୍ୟ ପରିଚାଳନା କରିଥିଲେ।

# ଜିଲାସ୍ତରୀୟ ନୂଆ-ଓ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

ନୟାଗଡ଼,୨୧ା୧(ଲୋକନାଥ ମିଶ୍ର)

ନୟାଗଡ଼ ଷ୍ଟାଡିୟମରେ ଗତ ୧୩ରୁ ଆରମ୍ଭ ହୋଇଥିବା ନୟାଗଡ଼ ଜିଲାସ୍ତରୀୟ ନୂଆ–ଓ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି । ହକିରେ ପୁରୁଷ ଓ ମହିଳା ବର୍ଗରେ ରଣପୁର ବ୍ଲକ ଚାମ୍ପିୟନ ହୋଇଛି। ସେହିଭଳି କ୍ରିକେଟ ପୁରୁଷ ବର୍ଗରେ ଦଶପଲ୍ଲା ବ୍ଲକ, ଖୋଖୋ ମହିଳା ବର୍ଗରେ ନୟାଗଡ଼ ମ୍ୟୁନିସିପାଲିଟି ଓ ପୁରୁଷ ବର୍ଗରେ ନୟାଗଡ଼ ବ୍ଲକ, କବାଡ଼ିରେ ପୁରୁଷ ବର୍ଗରେ ନୟାଗଡ଼ ବ୍ଲକ ଓ ମହିଳା ବର୍ଗରେ ନୟାଗଡ଼ ମ୍ୟୁନିସିପାଲିଟି ଚାମ୍ପିୟନ ହୋଇଛି। ଅନ୍ୟପକ୍ଷେ ଭଲିବଲ ପୁରୁଷ ବର୍ଗରେ ନୟାଗଡ଼ ବ୍ଲକ ଓ ମହିଳା ବର୍ଗରେ ରଣପୁର ବ୍ଲକ, ଫୁଟ୍‌ବଲରେ ନୟାଗଡ଼ ବ୍ଲକ ଚାମ୍ପିୟନ ହୋଇଛି। ପ୍ରତି ବିଭାଗର ଚାମ୍ପିୟନ ଦଳ ରାଜ୍ୟସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାରେ ଭାଗ ନେବା ପାଇଁ ମନୋନୀତ ହୋଇଛନ୍ତି । ପ୍ରଥମ ପୁରସ୍କାର ଭାବେ ୫୦ ହଜାର, ୨ୟ ପୁରସ୍କାର ୩୦ ହଜାର ଓ ତୃତୀୟ ପୁରସ୍କାର ୨୦ ହଜର ଟଙ୍କା ପ୍ରଦାନ କରାଯାଇଛି। ରଣପୁର ବିଧାୟକ ସତ୍ୟନାରାୟଣ ପ୍ରଧାନ, ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ, ଜିଲାପାଳ ରବୀନ୍ଦ୍ର ନାଥ ସାହୁ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସୁଚାରୁ କୁମାର ବଳ ପ୍ରମୁଖ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ମାନପତ୍ର ଟ୍ରଫି ଓ ଅର୍ଥରାଶି ପ୍ରଦାନ କରିଥିଲେ । ୮ଟି ବ୍ଲକ ଓ ନୟାଗଡ଼ ପୌରପାଳିକାରୁ ମୋଟ ୧୪୩୦ କ୍ରୀଡ଼ାବିତ୍ ଯୋଗ ଦେଇଥିଲେ। ଜିଲାସ୍ତରୀୟ କ୍ରୀଡ଼ା ଉତ୍ସବରେ ହକି ପୁରୁଷ ବିଭାଗରେ ୩, ମହିଳା ବିଭାଗରେ ୨, କ୍ରିକେଟ୍ ପୁରୁଷ ବିଭାଗରେ ୯, ଫୁଟବଲରେ ୯, ଭଲି ପୁରୁଷ ବିଭାଗରେ ୯, ମହିଳା ବିଭାଗରେ ୨, କବାଡ଼ି ପୁରୁଷ ବିଭାଗରେ ୧୧, ମହିଳାରେ ୫, ଖୋଖୋ ପୁରୁଷରେ ୯, ମହିଳାରେ ୮ ଦଳ ଯୋଗ ଦେଇଥିଲେ । ଜିଲା କ୍ରୀଡ଼ା ଅଧିକାରୀ ସୁଜାତା ସାହୁଙ୍କ ଆହ୍ୱାନ କ୍ରମେ କ୍ରୀଡ଼ା ଉତ୍ସବ ଆୟୋଜନ କରାଯାଇଥିଲା। ବିଭିନ୍ନ ବିଦ୍ୟାଳୟରୁ କ୍ରୀଡ଼ା ଶିକ୍ଷୟିତ୍ରୀ, ଶିକ୍ଷକମାନେ ଏହି କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ପରିଚାଳନା କରିଥିଲେ।



ଅତିଥିଙ୍କ ଗହଣରେ କୃତୀ ଖେଳାଳିମାନେ।

